## ସଂକ୍ଷେପରେ

### ନିଶାଗାଡ଼ିଆରେ କଂଗ୍ରେସର ପ୍ରଚାର

କେନ୍ଦୁଝର(ଦୀପକ ମିଶ୍ର)/ ଚମ୍ପୁଆ(ମହେଶ୍ୱର ଦାଶ), ୧୨।୫: କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ୍‌ର ନିଶାଗାଡ଼ିଆଠାରେ ରବିବାର କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଚନ୍ଦ୍ରଶେଖରପୁର ସିଲିପୁଞ୍ଜିରେ ଚମ୍ପୁଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ଏବଂ କେନ୍ଦୁଝର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଇଂ. ବିନୋଦବିହାରୀ ନାଏକ ପହଞ୍ଚିବା ପରେ ଆଦିବାସୀ ନୃତ୍ୟ ସହିତ ସ୍ୱାଗତ କରାଯାଇଥିଲା। ନିଶାଗାଡ଼ିଆ ଗ୍ରାମର ହାଟ ପଡ଼ିଆଠାରେ ଅନୁଷ୍ଠିତ ସମ୍ମିଳନୀରେ ଚମ୍ପୁଆ ବ୍ଲକ୍ କଂଗ୍ରେସ ସଭାପତି ରଞ୍ଜିତ ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ ଅଭିଭାଷଣରେ ଅଘୋଷିତ ଭାଜପା ଓ ବିଜେଡି ମେଣ୍ଟ ବିରୋଧରେ କହିଥିଲେ। ଇଡି ଓ ସିବିଆଇ ଭୟରେ ହୀନ ରାଜନୀତି ହେଉଥିବା ସେ ଅଭିଯୋଗ କରିଥିଲେ।

### ସାଇଁକୁଳରେ ବିଶ୍ୱ ଶାନ୍ତି ମହାଯଜ୍ଞ

ରାମଚନ୍ଦ୍ରପୁର, ୧୨।୫(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ଗ୍ରାମରେ ୨ ଦିନ ଧରି ବାବା ଗ୍ରହରାଜ ଶନିଶ୍ଚର ଦେବଙ୍କ ୩୮ ତମ ବାର୍ଷିକ ପୂଜା ଓ ବିଶ୍ୱଶାନ୍ତି ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ବିଜୟ ପଣ୍ଡା, ଉପ ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ସିତାରାମ ପତି, ସୁମନ୍ତ ତ୍ରିପାଠୀ, ରାଜିବ ଲୋଚନ ପଣ୍ଡା, ରବୀନ୍ଦ୍ର ପଣ୍ଡା, ନିତ୍ୟ ପୂଜକ ରୁଦ୍ରାଂଶୁ ପଣ୍ଡା, ଶୁଭ୍ରାଂଶୁ ପଣ୍ଡା ଏବଂ ସହ ସାଥୀ ପୂଜକଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା କାର୍ଯ୍ୟ ଜଳଧର ପାଢ଼ୀ ଏବଂ ତାଙ୍କ ସ୍ତ୍ରୀ ଅନସୂୟା ପାଢ଼ୀ ତୁଲାଇ ଥିଲେ। ଘସିପୁରା ବିଜେଡି ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ଓ ସାସ୍ୱୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ପୂଜା ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଥିଲେ।

# ସେଣ୍ଡକାପରେ ପାଣି ସମସ୍ୟା ଉତ୍କଟ

**ନୂତନ ନଳକୂପ ଖନନ ପାଇଁ ନିବେଦନ**

କେନ୍ଦୁଝର, ୧୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)



ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପ ସଭାପତି ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର ବସୁଧା, ମେଗା ପ୍ରୋଜେକ୍ଟ, ସୋଲାର ପମ୍ପ ଆଦି ଯୋଜନାରେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେଉଛନ୍ତି। ମାତ୍ର ବାସ୍ତବ ପକ୍ଷେ ବିଭିନ୍ନ ସ୍ଥାନରେ ଲୋକେ ପାଣି ପାଇ ପାରୁ ନ ଥିବାରୁ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଦୃଷ୍ଟାନ୍ତ ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଡକାପ ଭାଲିଆପତଳା ମନ୍ଦିର ସାହିରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ସାହିର ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ନଳକୂପ ରହିଛି। ନଳକୂପଟିରୁ ସୋଲାର ପମ୍ପ ଦ୍ୱାରା ପାଣି ଉଠାଯାଇ ୩ ଟ୍ୟାପ ଲଗାଯାଇଛି। ସାହିରେ କୂପ କିମ୍ବା ପୋଖରୀ ନ ଥିବାରୁ ୪୦ ପରିବାରର ପାଖାପାଖି ୨୦୦ ଲୋକ ଲୁଗା ସଫା, ବାସନ ମାଜିବା, ଗାଧୋଇବା, ରୋଷେଇ ଓ ପିଇବା ପାଇଁ ଉକ୍ତ ଟ୍ୟାପ ପାଣି ବ୍ୟବହାର କରୁଛନ୍ତି। ଏଥିସହ ମନ୍ଦିରରେ ପର୍ବପର୍ବାଣୀ ପାଇଁ ମଧ୍ୟ ଟ୍ୟାପ ପାଣି ବ୍ୟବହାର ହେଉଛି। ମାତ୍ର ପ୍ରତ୍ୟେକ ଦିନ ଅପରାହ୍ନ ୩ ଘଟିକା ପରେ ଟ୍ୟାପରେ ପାଣି ଆସୁ ନ ଥିବାବେଳେ ସକାଳ ୯ ଘଟିକା ପରେ ସୂର୍ଯ୍ୟ କିରଣର ଆଲୋକ ପଡ଼ିଲେ ସୋଲାର ପମ୍ପରେ ପାଣି ଉଠୁଛି। ମେଘୁଆ ପାଗ ହେଲେ ବି ପାଣି ଉଠୁ ନ ଥିବାରୁ ଲୋକେ ହଇରାଣ ହେଉଥିବା ଝିଲି ନାଏକ, ପ୍ରମିଳା ନାଏକ, ପୁଷ୍ପାଞ୍ଜଳି ବେହେରା କହିଛନ୍ତି। ବାଧ୍ୟ ହୋଇ ଅନ୍ୟ ସାହିରେ ଥିବା ନଳକୂପ, ଓ ଅନ୍ୟ ଘରେ ଥିବା ବୋରୱେଲ ଉପରେ ନିର୍ଭର କରୁଛନ୍ତି। ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ଉପସଭାପତି ଜୟକୃଷ୍ଣ ନାଏକ ସମସ୍ୟା ଦେଖି ସାହିରେ ତୁରନ୍ତ ନୂତନ ନଳକୂପ ଖନନ କରିବାକୁ ସାହିବାସୀଙ୍କ ସହିତ ଅତିରିକ୍ତ ବିଡିଓ ଭାଗବତ ନାଏକଙ୍କୁ ଦରଖାସ୍ତ ଦେବା ସହିତ ଆଲୋଚନା କରିଥିଲେ। କଲଚୁରାଲ କ୍ଲବ୍ ପ୍ରାଙ୍ଗଣରେ ନଳକୂପଟିଏ ଖନନ କରିବାକୁ ରଞ୍ଜିତା ବେହେରା, ରଶ୍ମି ନାଏକ, କୁନି ନାଏକ, ରଞ୍ଜୁ ନାଏକ, ଅନୁପମା ଘଣା, ସାବିତ୍ରୀ ନାଏକ, ଉର୍ମିଳା ନାଏକ, ପିଙ୍କି ବେହେରା, ମାଧୁରୀ ବେହେରା, ଆଲମଣି ମହାରଣା ପ୍ରମୁଖ ନିବେଦନ କରିଛନ୍ତି। ତୁରନ୍ତ ପାଣି ସମସ୍ୟା ସମାଧାନ କରାଯିବ ବୋଲି ଅତିରିକ୍ତ ବିଡିଓ ଆଶ୍ୱାସନା ଦେଇଥିଲେ।

# ରାଜ୍ୟସ୍ତରୀୟ ଗୀତିକବିତା ପାଠୋତ୍ସବ

ଭଦ୍ରକ, ୧୨।୫ (ରବିନାରାୟଣ ଖୁଣ୍ଟିଆ)

ଟାଉନ ହଲଠାରେ ରାଜ୍ୟସ୍ତରୀୟ ଗୀତିକବିତା ପାଠୋତ୍ସବ ଗୀତିକାର ପୀତାମ୍ବର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନାରାୟଣ ପ୍ରସାଦ କର ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ଗୀତିକବିତା ପାଠୋତ୍ସବରେ ମୁଖ୍ୟଅତିଥି ଭାବେ ପଣ୍ଡିତ ଦୈତାରୀ ମହାପାତ୍ର, ମୁଖ୍ୟବକ୍ତା ଗୀତିକାର ଅରୁଣ ପାତ୍ର, ସମ୍ମାନିତ ଅତିଥି ଭାବେ ନାଟ୍ୟଶ୍ରୀ ନିର୍ମଳ ରାଉତ, କବି ବିଜୟ ବହଳି, ଡା. ଅନିଲ କୁମାର ଦାସ ଓ କବୟିତ୍ରୀ ଗୀତାରାଣୀ ଆଇଚ ଯୋଗ ଦେଇଥିଲେ। କବିତା ପାଠରେ ସଂଯୋଜନା କରିଥିଲେ କବୟିତ୍ରୀ ଜାନକୀ ପାଢ଼ୀ, ମନୋରମା ରାୟ ଓ କବି ମାନସ କୁମାର ପଣ୍ଡା। କମିଟି ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ କର ଅତିଥି ପରିଚୟ, କବି ସତ୍ୟ ପ୍ରକାଶ ଷଡ଼ଙ୍ଗୀ ସ୍ୱାଗତ ଭାଷଣ ଦେଇଥିବା ବେଳେ କବୟିତ୍ରୀ ମମତାରାଣୀ ଦାଶ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ନାରାୟଣ ପ୍ରସାଦ କର ଜଣେ ଗୀତିକବି ଭାବେ ବେଶ୍ ପରିଚିତ। ତାଙ୍କ ଜୟନ୍ତୀ ଅବସରରେ ଗୀତିକବିତା ଆସର ଅନୁଷ୍ଠିତ ହୋଇଥିଲା। ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ଗୀତିକବି ଏଥିରେ ଯୋଗ ଦେଇଥିଲେ। କବୟିତ୍ରୀ ଦମୟନ୍ତୀ ରାଉତ, ସଂଯୁକ୍ତା କର ନାୟକ, ଶଶିକଳା ମିଶ୍ର, ବୀଣାପାଣି ତ୍ରିପାଠୀ, ଅବଦୁଲ ଦୟାନ, ରଶ୍ମିତା ଦାସ, ବାବୁରାମ ଦାସ, ରମେଶ ଦାସ, ବିପ୍ଳବ ହୋତା, ପ୍ରଦୀପ ବେହେରା ପ୍ରମୁଖ କବିତା ପାଠ କରିଥିଲେ।



ଅତିଥି ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

# କନକ ମଞ୍ଜରୀ ମହାବିଦ୍ୟାଳୟରେ ରହିଲା ଇଭିଏମ୍

ଆନନ୍ଦପୁର, ୧୨।୫( ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଘସିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପାଇଁ ଇଭିଏମ୍ ମେସିନ ଗୁଡ଼ିକ କଡ଼ା ସୁରକ୍ଷା ମଧ୍ୟରେ କନକ ମଞ୍ଜରୀ ମହାବିଦ୍ୟାଳୟରେ ରହିଛି। ରବିବାର ଆନନ୍ଦପୁର ଉପ ଜିଲାପାଳ ଫଲଗୁନୀ ମାଝୀ, ଘସିପୁରା ରିଟର୍ଣ୍ଣିଂ ଅଫିସର କିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଲଢ଼ୁଥିବା ପ୍ରତିନିଧି ଓ ତାଙ୍କର ଏଜେଣ୍ଟଙ୍କ ସମ୍ମୁଖରେ ଷ୍ଟ୍ରଙ୍ଗ ରୁମ ଗୁଡ଼ିକୁ ଖୋଲାଯାଇ ଭିଭି ପାର୍ଟ, କାଷ୍ଟିଂ ୟୁନିଟ ଗୁଡିକୁ ଏକତ୍ରିତ କରାଯାଇ ବୁଥ୍ ୱାଇଜ କରାଯାଇଥିଲା। ପୁଣି ସମସ୍ତ ଇଭିଏମ୍ ମେସିନଗୁଡ଼ିକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଥିଲା। ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ୨୪ ତାରିଖରେ ଭୋଟ କେନ୍ଦ୍ରକୁ ପଠାଯିବ। ଘସିପୁରାର ୩୦୦ ଓ ଆନନ୍ଦପୁରର ୨୯୧ ବୁଥ ପାଇଁ ପ୍ରସ୍ତୁତି କାର୍ଯ୍ୟ ଉପ ଜିଲାପାଳ ତଦାରଖ କରୁଛନ୍ତି। ଡେପୁଟି କଲେକ୍ଟର ଅଭିଲିପ୍ସା ମହାନ୍ତି, ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭୋଳ, ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ଘସିପୁରା ତହସିଲଦାର ନୀଳକଣ୍ଠ ନାୟକ, ଘସିପୁରା ବିଡ଼ିଓ ମାନସ ସାମଲ ପ୍ରମୁଖ ସହଯୋଗ କରୁଛନ୍ତି।

# କୂଅରେ ପଡ଼ି ବୃଦ୍ଧା ମୃତ

ଡେଙ୍କିକୋଟ୍, ୧୨।୫(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଡେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସରାସପଶି ପଞ୍ଚାୟତ ଭରାଣ୍ଡିଆ ଗ୍ରାମରେ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଣ୍ଡା ସାହିର ସପନୀ ମୁଣ୍ଡା(୭୦)। ସପନୀ ଗତ ୧୦ ତାରିଖ ସନ୍ଧ୍ୟାରେ ସମ୍ପର୍କୀୟ ଘରକୁ ଯାଇଥିଲେ। ବାଟରେ ଏକ ଖୋଲା କୂଅରେ ପଡ଼ିଯାଇଥିଲେ। ସମ୍ପର୍କୀୟଙ୍କ ଘରେ ନ ପହଞ୍ଚିବାରୁ ଘର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର କୂଅରେ ସପନୀଙ୍କ ମୃତଦେହ ଭାସୁଥିବାର ଦେଖିଥିଲେ। ରବିବାର ପାଟଣା ଅଗ୍ନିଶମ ବିଭାଗ ଏବଂ ଡେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ବାହାର କରିଥିଲା। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୪) ରୁଜୁ ହୋଇଛି। ପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ଭାଜପାର ନାରୀ ଶକ୍ତି ବନ୍ଦନ ସମାବେଶ

ପାଟଣା, ୧୨।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚୀନାମାଳିପଶି ହାଟପଡ଼ିଆରେ ରବିବାର ଭାଜପା ପକ୍ଷରୁ ନାରୀ ଶକ୍ତି ବନ୍ଦନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପାଟଣା ବ୍ଲକ୍ ଚିନାମାଳିପଶି, ପଲାଣଘାଟି, ମୂଷା ଖୋରୀ, ଡୁମୁରିଆ ପଞ୍ଚାୟତର ମହିଳା ସାମିଲ ହୋଇଥିଲେ। ଭାଜପା ଜିଲା କାର୍ଯ୍ୟ କାରିଣୀ ସଦସ୍ୟ ପ୍ରହ୍ଲାଦ ପଲେଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ ଯୋଗଦେଇ ଓଡ଼ିଶାରେ ମହିଳା ଓ ଆଦିବାସୀଙ୍କ ବିକାଶ କରିବା ପାଇଁ ହେଲେ ଡବଲ ଇଞ୍ଜିନ ସରକାର ଆଣିବାକୁ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, ପାଟଣା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ, ମମିତା ନାଏକ, ମମତା ସିଂ, ଲବଙ୍ଗ ଲତା ନାୟକ, ସୋମବାରି ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ବିଜେଡିରେ ମିଶିଲେ ଶତାଧିକ ଭାଜପା କର୍ମୀ

ଚାନ୍ଦବାଲି, ୧୨।୫(କିଷାନ ପାତ୍ର)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମାଧପୁର ପଞ୍ଚାୟତର ଶତାଧିକ ଭାଜପା କର୍ମୀ ରବିବାର ଦଳ ଛାଡ଼ି ବିଜେଡିରେ ସାମିଲ ହୋଇଛନ୍ତି। ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ଚାନ୍ଦବାଲିସ୍ଥିତ ବାସଭବନରେ ସେମାନେ ବିଜେଡିରେ ଯୋଗ ଦେଇଛନ୍ତି। ବିଜୁ ଯୁବ ଜନତା ଦଳର ଜିଲା ସାଧାରଣ ସମ୍ପାଦକ ମାନସ ଦାସଙ୍କ ନେତୃତ୍ୱରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବିଧାୟକଙ୍କ ସହ ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ମାଧପୁର ପଞ୍ଚାୟତର ସରପଞ୍ଚ ବିନୋଦ ଦାସ, ଯୁବନେତା ଗିରିଧାରୀ ମହାକୁଡ଼ ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମୀମାନଙ୍କୁ ଦଳକୁ ସ୍ୱାଗତ କରିଥିଲେ। ନୀଳମଣି ନାୟକ, ପ୍ରଫୁଲ୍ଲ ନାୟକ, ଦୀନବନ୍ଧୁ ନାୟକ, ରାଜେଶ ନାୟକ, ଆନନ୍ଦ ନାୟକ, ଶ୍ରୀନାଥ ନାୟକ, ଜଗବନ୍ଧୁ ନାୟକ, ଚିନ୍ତାମଣି ନାୟକ, ଦୋଳଗୋବିନ୍ଦ ନାୟକ ପ୍ରମୁଖ ଦଳରେ ମିଶିଛନ୍ତି। ଏହି ମିଶ୍ରଣ ଆଗାମୀ ନିର୍ବାଚନରେ ମାଧପୁର ପଞ୍ଚାୟତରେ ଦଳକୁ ମଜଭୁତ କରିବ ବୋଲି ଯୁବନେତା ଦାସ ପ୍ରକାଶ କରିଥିଲେ।



ବିଜେଡିର ମିଶ୍ରଣ ପର୍ବରେ ବିଧାୟକ ବ୍ୟୋମକେଶ ରାୟଙ୍କ ସହ ନୂତନ କର୍ମୀ।

# ଭାଜପାରେ ମିଶିଲେ କଂଗ୍ରେସ, ବିଜେଡି କର୍ମୀ



ନୂତନ କର୍ମୀଙ୍କ ସହ ଭାଜପା ନେତା ଓ ବିଧାୟକ ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର।

ଭଦ୍ରକ, ୧୨।୫ (ସନାତନ ରାଉତ)

ଭଦ୍ରକ ଭାଜପା ବିଧାନସଭା କାର୍ଯ୍ୟାଳୟରେ ରବିବାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ ବ୍ଲକ କେଦାରପୁର ପଞ୍ଚାୟତର ୫୦ରୁ ଊର୍ଦ୍ଧ୍ୱ କଂଗ୍ରେସ ଓ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ବିଧାୟକ ପ୍ରାର୍ଥୀ ସିତାଂଶୁ ଶେଖର ମହାପାତ୍ର, ବରିଷ୍ଠ ନେତା ଅଜୟ ନାୟକ, ଭାସ୍କର ଚନ୍ଦ୍ର ସାହୁ ପ୍ରମୁଖ ନୂତନ କର୍ମୀମାନଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ। କେଦାରପୁର ପଞ୍ଚାୟତର କୈଳାସ ଚନ୍ଦ୍ର ସେନାପତି, ମଧୁସୂଦନ ସେନାପତି, ସୁଲୋଚନା ସେନାପତି, ସେବତୀ ସେନାପତି, ସୁଭଦ୍ରା ଜେନା, ମଞ୍ଜୁଲତା ଜେନା, ଦ୍ରୌପଦୀ ସାହୁ ପ୍ରମୁଖ ପ୍ରଧାନମନ୍ତ୍ରୀଙ୍କ ଲୋକାଭିମୁଖୀ ଯୋଜନା ଓ ଭାଜପା ପ୍ରାର୍ଥୀ ସୀତାଂଶୁଙ୍କ ଉପରେ ଆସ୍ଥା ପ୍ରକଟ କରି ଭାଜପାରେ ସାମିଲ ହୋଇଥିବା କହିଛନ୍ତି।

# ଚାନ୍ଦବାଲିରେ ରାଜନୈତିକ ହିଂସା

ଚାନ୍ଦବାଲି, ୧୨।୫ (କିଷାନ ପାତ୍ର)

■ ଭାଜପା-ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ
■ ୪ ଆହତ, ଥାନାରେ ମାମଲା

ନିର୍ବାଚନ ପୂର୍ବରୁ ଭଦ୍ରକ ଜିଲା ଚାନ୍ଦବାଲି ନିର୍ବାଚନମଣ୍ଡଳୀରେ ରାଜନୈତିକ ହିଂସା ଘଟିଛି। ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଘଟି ୪ ଜଣ ଆହତ ହୋଇଛନ୍ତି। ଏନେଇ ବାଂଶଡ଼ା ଥାନାରେ ୨ଟି ମାମଲା ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଶୁକ୍ରବାର ଭାଜପା ଓ ବିଜେଡି ବିଧାୟକ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଥିଲେ। ବଜରାପୁର ପଞ୍ଚାୟତରେ ଉଭୟ ଦଳର କର୍ମୀମାନେ ଶୋଭାଯାତ୍ରାରେ ଆସିବା ପାଇଁ ଘଣ୍ଟେଶ୍ୱର ବଜାର ପାଖରେ ଥିବା ଏକ ପେଟ୍ରୋଲ ପମ୍ପରେ ତେଲ ପକାଇବା ବେଳେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ପ୍ରାର୍ଥିପତ୍ର ଦାଖଲ କରି ଫେରିବା ବେଳେ ବଜରାପୁର ଛକ ନିକଟରେ ଥିବା ବିଜେଡି ପାର୍ଟି ଅଫିସ ପାଖରେ ରାତି ପ୍ରାୟ ୮ଟା ବେଳେ ପୁଣି କମେଣ୍ଟ ମରାକୁ କେନ୍ଦ୍ରକରି ମାରପିଟ୍ ଆରମ୍ଭ ହୋଇଥିଲା। ଏହି ଗଣ୍ଡଗୋଳରେ ଭାଜପା ସମର୍ଥକ ପୂର୍ବତନ ସରପଞ୍ଚ ନାରାୟଣ ମାଝୀଙ୍କ ସହ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ଭଦ୍ରକ ସ୍ଥାନାନ୍ତର ହୋଇଥିବା ବେଳେ ଜଣେ ବିଜେଡି କର୍ମୀ ଆହତ ହୋଇଥିଲେ।

ଏନେଇ ପ୍ରଥମେ ନାରାୟଣଙ୍କ ଅଭିଯୋଗକ୍ରମେ ବାଂଶଡ଼ା ଥାନାରେ ସରପଞ୍ଚଙ୍କ ସ୍ୱାମୀ ରାହୁଲ ସାହୁ ଓ ଅନ୍ୟ ସହଯୋଗୀଙ୍କ ନାମରେ ମାମଲା (ନଂ. ୧୬୩/୨୪) ରୁଜୁ କରାଯାଇଛି। ଅପରପକ୍ଷେ ବିଜେଡି ପକ୍ଷରୁ ସୁରେଶ ମହାଲିକଙ୍କ ଅଭିଯୋଗକ୍ରମେ ନାରାୟଣଙ୍କ ସମେତ ଅନ୍ୟମାନଙ୍କ ନାମରେ ଏକ ମାମଲା (ନଂ.୧୬୪/୨୪) ରୁଜୁ ହୋଇଛି। ଏ ସମ୍ପର୍କରେ ଚାନ୍ଦବାଲି ଏସ୍‌ଡିପିଓ କାର୍ତ୍ତିକ ଚନ୍ଦ୍ର ମଲ୍ଲିକ କହିଛନ୍ତି, ଉଭୟ ପକ୍ଷରୁ ଏତଲା ଦିଆଯାଇଛି। ଘଟଣାର ତଦନ୍ତ ପରେ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ତେବେ ଏହି ଘଟଣାରେ ଆହତଙ୍କ ପରିବାର ଲୋକ ଓ ଭାଜପା କର୍ମୀମାନେ ସରପଞ୍ଚଙ୍କ ସ୍ୱାମୀଙ୍କୁ ଗିରଫ ପାଇଁ ଦାବି କରିଛନ୍ତି। ନିରପେକ୍ଷ ତଦନ୍ତ କରି ପୋଲିସ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ଏସ୍‌ପିଙ୍କ ଅଫିସ ଆଗରେ ଧାରଣା ଦେବେ ବୋଲି ଆହତଙ୍କ ପରିବାର ଲୋକ ଚେତାବନୀ ଦେଇଛନ୍ତି।

# ‘ଶିକ୍ଷା, ସେବାରେ ଜୀବନକୁ ସମର୍ପି ଥିଲେ ପାର୍ବତୀ’

ବାସୁଦେବପୁର, ୧୨।୫
(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁରସ୍ଥିତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ସ୍ୱର୍ଗତ ସୁଶ୍ରୀ ପାର୍ବତୀ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ସ୍ମୃତିସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ପାର୍ବତୀ ନିଜ ଜୀବନକୁ ଶିକ୍ଷାର ଉନ୍ନତି ଓ ସେବାମୂଳକ କାର୍ଯ୍ୟ ପାଇଁ ଉତ୍ସର୍ଗ ତଥା ସମର୍ପିତ କରିଥିଲେ। ତାହା ଆଗାମୀ ପିଢ଼ି ଲାଗି ତଥା ନାରୀ ଶିକ୍ଷାର ବିକାଶ ପାଇଁ ଏକ ଛାପ ହୋଇ ରହିବ ବୋଲି ଶତାଧିକ ବୁଦ୍ଧିଜୀବୀ ସ୍ମୃତିସଭାରେ ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଦୁଃଶାସନ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିସଭାରେ ଡ. ମନୀନ୍ଦ୍ର ମହାନ୍ତି, ଓଷ୍ଟାର ପୂର୍ବତନ ସମ୍ପାଦକ ରଘୁନାଥ ସାହୁ, ଇଂ. ଗୁରୁପ୍ରସାଦ ମହାପାତ୍ର, ପ୍ରଧାନଶିକ୍ଷକ ରାଜକିଶୋର ମଲିକ, ଶିକ୍ଷାବିତ୍ ଗଜେନ୍ଦ୍ର ପ୍ରସାଦ ମିଶ୍ର, ଚନ୍ଦ୍ରକାନ୍ତ ପାଢ଼ୀ, ବାଦଲ କିଶୋର ମହାପାତ୍ର, ପୀତାମ୍ବର ମିଶ୍ର, ତ୍ରୈଲୋଚନ ଜେନା, ସୁଧାଂଶୁ ଶେଖର ମିଶ୍ର, ଶିକ୍ଷୟିତ୍ରୀ ତପସ୍ୱିନୀ ଦାଶ, କମଳାକାନ୍ତ କର, ଅଭିମନ୍ୟୁ ବେହେରା, କବି ପ୍ରହ୍ଲାଦ ବାରିକ, ନିତ୍ୟାନନ୍ଦ କର ପ୍ରମୁଖ ଯୋଗ ଦେଇଥିଲେ। ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଉପେନ୍ଦ୍ର ପାଢ଼ୀ, ଶଶଧର ବନ୍ଧ, ଅବସରପ୍ରାପ୍ତ ପ୍ରଶାସକ ଆନନ୍ଦ କୁମାର ଦାସ, ଶତ୍ରୁଘ୍ନ ଧନୀ, ତୃପ୍ତି ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି, ଡ. ବସନ୍ତ କୁମାର ଦାସ, ମଞ୍ଜରୀ ପ୍ରଧାନ, ଅଧ୍ୟାପକ ବସନ୍ତ ଦାସ, ଅବସରପ୍ରାପ୍ତ ଅଧ୍ୟକ୍ଷା ଅନୀମା ପାଢ଼ୀ, ମନୋରମା ମଲିକ, ମନୋରମା ପ୍ରଧାନ, ଗୋପାଳ ମହାକୁଡ଼ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁମୋହନ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପାର୍ବତୀ ଦାସଙ୍କ ଉପରେ ଲିଖିତ ସ୍ମରଣିକା ‘ଅନନ୍ୟା ପାର୍ବତୀ’କୁ ଅତିଥିମାନେ ଉନ୍ମୋଚନ କରିଥିଲେ।




ପୂର୍ବତନ ପ୍ରଧାନଶିକ୍ଷୟିତ୍ରୀ ପାର୍ବତୀ ଦାସଙ୍କ ସ୍ମୃତିସଭାରେ ଅବସରପ୍ରାପ୍ତ ଶିକ୍ଷକ ବିଷ୍ଣୁମୋହନ ପାଢ଼ୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଦିଲୀପ ହେଲେ ଭାଜପାର ଜିଲା ଓବିସିମୋର୍ଚ୍ଚା ସଂଯୋଜକ



ଧାମନଗର, ୧୨।୫ (ଦେବେନ୍ଦ୍ର ଆନ୍ଦିଆ)

ଭାଜପାର ଭଦ୍ରକ ଜିଲା ସଭାପତି ହେମନ୍ତ କୁମାର ପାଢ଼ୀ ଦୋବଲ ଜୋନ୍ କରଦା ପଞ୍ଚାୟତର ଦିଲୀପ କୁମାର ସାମଲଙ୍କୁ ଭାଜପାର ଜିଲା ଓବିସି ମୋର୍ଚ୍ଚା ସଂଯୋଜକ ଭାବେ ନିଯୁକ୍ତି ଦେଇଛନ୍ତି। ଶନିବାର ସନ୍ଧ୍ୟାରେ ଆନନ୍ଦପୁର ପଞ୍ଚାୟତ ଶିଶୁମନ୍ଦିର ପରିସରରେ ଭାଜପାର ତ୍ରିଦେବ ସମ୍ମିଳନୀରେ ଧାମନଗର ବିଧାୟକ ପ୍ରାର୍ଥୀ ସୂର୍ଯ୍ୟବଂଶୀ ସୂରଜ ଦିଲୀପଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ପଞ୍ଚାୟତ ବୁଲି ଏମ୍‌ପି, ବିଧାୟକ ପ୍ରାର୍ଥୀଙ୍କ ପ୍ରଚାର

ବାସୁଦେବପୁର, ୧୨।୫
(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ରବିବାର ଭାଜପା ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ନିର୍ବାଚନ ପ୍ରଚାର କରିଛନ୍ତି। ସଭା ଓ ଶୋଭାଯାତ୍ରା କରି ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ କରିଛନ୍ତି। ବେତଡ଼ା ମଣ୍ଡଳ ଅଧୀନ ବରଣ୍ଡୁଆ ପଞ୍ଚାୟତର ରତାଙ୍ଗ ଗ୍ରାମରେ ଅପରାହ୍ନରେ ଭାଜପା ପକ୍ଷରୁ ଏକ ନିର୍ବାଚନୀ ସଭା ବିଧାନସଭା ସଂଯୋଜକ ଡ. ପ୍ରତାପ ଚନ୍ଦ୍ର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ଯୋଗଦେଇ ମୋଦିଜୀଙ୍କ ଗ୍ୟାରେଣ୍ଟିକୁ ଆଧାର କରି ଭୋଟ ଭିକ୍ଷା କରିଥିଲେ। ଏକ ବିକଶିତ ଭାରତ ଗଠନ ପାଇଁ ମୋଦୀଙ୍କ ଗ୍ୟାରେଣ୍ଟିକୁ ବିଶ୍ୱାସକୁ ନେଇ ସମସ୍ତ ଜନସାଧାରଣ ଭାଜପା ପ୍ରାର୍ଥୀଙ୍କୁ ଭୋଟ ଦେବାକୁ ସେ ଆହ୍ୱାନ ଦେଇଥିଲେ।

ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ସ୍ଥାନୀୟ ଅଞ୍ଚଳର ସମସ୍ୟାକୁ ମୁଖ୍ୟ ମୁଦ୍ଦା କରି ଭାଜପା କ୍ଷମତାକୁ ଆସିଲେ ଡାକ୍ତରଖାନାରେ ଡାକ୍ତର ସମସ୍ୟା ଦୂର ହେବ, ଧାମରା ବନ୍ଦରରେ ଯୁବକଙ୍କୁ ନିଯୁକ୍ତି ମିଳିବ, ରାସ୍ତାଘାଟର ଉନ୍ନତୀକରଣ ସହ ବାସୁଦେବପୁରର ସର୍ବାଙ୍ଗୀନ ବିକାଶ ଦିଗରେ ସେ କାର୍ଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ବରିଷ୍ଠ ନେତା ଅଶୋକ ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ପର୍ଯ୍ୟବେକ୍ଷକ ତପସ୍ୱିନୀ ସାହୁ, ମଣ୍ଡଳ ସଭାପତି ସୁବାସ ଚନ୍ଦ୍ର ପ୍ରଧାନ, ବରଣ୍ଡୁଆ ସରପଞ୍ଚ ଗୋବିନ୍ଦ ମଲିକ, ପ୍ରତାପ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ରତାଙ୍ଗ ଛକଠାରୁ ଦୁଇ ପ୍ରାର୍ଥୀଙ୍କୁ ଶୋଭାଯାତ୍ରାରେ ସଭାସ୍ଥଳ ପର୍ଯ୍ୟନ୍ତ ନିଆଯାଇଥିଲା।



ଭାଜପା ଏମ୍‌ପି ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଓ ବିଧାୟକ ପ୍ରାର୍ଥୀ ବାଣୀକଲ୍ୟାଣ ମହାନ୍ତି ପ୍ରଚାର କରୁଛନ୍ତି।

**ଧର୍ମପରାୟଣଙ୍କ ପରଲୋକ**

ରାମଚନ୍ଦ୍ରପୁର,(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ ମଦନପୁର ପଞ୍ଚାୟତ କାନପୁର ଗ୍ରାମର ଅବସରପ୍ରାପ୍ତ ରାଜସ୍ୱ ବିଭାଗ କର୍ମଚାରୀ ତଥା କାନପୁର ଶାରଦୀୟ ଦୁର୍ଗାପୂଜାର ପ୍ରତିଷ୍ଠାତା ଗୌରାଙ୍ଗ ଚକ୍ର(୭୬)ଙ୍କ କାନପୁରସ୍ଥିତ ବାସଭବନରେ ପରଲୋକ ଘଟିଛି। ସୁସଂଗଠକ, ପରୋପକାରୀ, ଧର୍ମ ପରାୟଣ ବ୍ୟକ୍ତି ଭାବରେ ପରିଚିତ ଥିଲେ। ସେ ଦୀର୍ଘ ଦିନ ପକ୍ଷାଘାତ ରୋଗରେ ପୀଡ଼ିତ ଥିଲେ। କୁଶେଇ ନଦୀ କୂଳରେ ଅନ୍ତିମ ସଂସ୍କାର ହୋଇଥିଲା। ବଡ଼ ପୁଅ ମହେଶ୍ୱର ଚକ୍ର ମୁଖାଗ୍ନି ଦେଇଥିଲେ।

## ସଂକ୍ଷେପରେ

### ନିଶାଗାଡ଼ିଆରେ କଂଗ୍ରେସର ପ୍ରଚାର

କେନ୍ଦୁଝର(ଦୀପକ ମିଶ୍ର)/ ଚମ୍ପୁଆ(ମହେଶ୍ୱର ଦାଶ), ୧୨।୫: କେନ୍ଦୁଝର ଜିଲା ଚମ୍ପୁଆ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚମ୍ପୁଆ ବ୍ଲକ୍‌ର ନିଶାଗାଡ଼ିଆଠାରେ ରବିବାର କଂଗ୍ରେସ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଚନ୍ଦ୍ରଶେଖରପୁର ସିଲିପୁଞ୍ଜିରେ ଚମ୍ପୁଆ କଂଗ୍ରେସ ବିଧାୟକ ପ୍ରାର୍ଥୀ ଯଶୋବନ୍ତ ନାରାୟଣ ସିଂ ଲାଗୁରୀ ଏବଂ କେନ୍ଦୁଝର ଲୋକ ସଭା କଂଗ୍ରେସ ପ୍ରାର୍ଥୀ ଇଂ.ବିନୋଦବିହାରୀ ନାଏକ ପହଞ୍ଚିବା ପରେ ଆଦିବାସୀ ନୃତ୍ୟ ସହିତ ସ୍ୱାଗତ କରାଯାଇଥିଲା। ନିଶାଗାଡ଼ିଆ ଗ୍ରାମର ହାଟ ପଡ଼ିଆଠାରେ ଅନୁଷ୍ଠିତ ସମ୍ମିଳନୀରେ ଚମ୍ପୁଆ ବ୍ଲକ୍ କଂଗ୍ରେସ ସଭାପତି ରଞ୍ଜିତ ବେହେରାଙ୍କ ସଭାପତିତ୍ୱରେ ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ ଅଭିଭାଷଣରେ ଅଘୋଷିତ ଭାଜପା ଓ ବିଜେଡି ମେଣ୍ଟ ବିରୋଧରେ କହିଥିଲେ। ଇଡି ଓ ସିବିଆଇ ଭୟରେ ହୀନ ରାଜନୀତି ହେଉଥିବା ସେ ଅଭିଯୋଗ କରିଥିଲେ।

### ସାଇଁକୁଳରେ ବିଶ୍ୱ ଶାନ୍ତି ମହାଯଜ୍ଞ

ରାମଚନ୍ଦ୍ରପୁର,୧୨।୫(ଗଣେଶ୍ୱର ସା): କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଅନ୍ତର୍ଗତ ସାଇଁକୁଳ ଗ୍ରାମରେ ୨ ଦିନ ଧରି ବାବା ଗ୍ରହରାଜ ଶନିଶ୍ଚର ଦେବଙ୍କ ୩୮ ତମ ବାର୍ଷିକ ପୂଜା ଓ ବିଶ୍ୱଶାନ୍ତି ହୋମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି ବିଜୟ ପଣ୍ଡା, ଉପ ସଭାପତି ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ପଣ୍ଡିତ ସିତାରାମ ପତି, ସୁମନ୍ତ ତ୍ରିପାଠୀ, ରାଜିବ ଲୋଚନ ପଣ୍ଡା, ରବୀନ୍ଦ୍ର ପଣ୍ଡା, ନିତ୍ୟ ପୂଜକ ରୁଦ୍ରାଂଶୁ ପଣ୍ଡା, ଶୁଭ୍ରାଂଶୁ ପଣ୍ଡା ଏବଂ ସହ ସାଥୀ ପୂଜକଙ୍କ ଦ୍ୱାରା ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା କାର୍ଯ୍ୟ ଜଳଧର ପାଢ଼ୀ ଏବଂ ତାଙ୍କ ସ୍ତ୍ରୀ ଅନଷୟା ପାଢ଼ୀ ତୁଲାଇ ଥିଲେ। ଘସିପୁରା ବିଜେଡି ବିଧାୟକ ପ୍ରାର୍ଥୀ ବଦ୍ରିନାରାୟଣ ପାତ୍ର ଓ ସାମ୍ବୀନ ପ୍ରାର୍ଥୀ ସୌମ୍ୟରଞ୍ଜନ ପଟ୍ଟନାୟକ ପୂଜା ମଣ୍ଡପରେ ପହଞ୍ଚି ପୂଜାର୍ଚ୍ଚନା କରି ଆଶିଷ ଲାଭ କରିଥିଲେ।

# ସେଣ୍ଟକାପରେ ପାଣି ସମସ୍ୟା ଉତ୍କଟ

**ନୂତନ ନଳକୂପ ଖନନ ପାଇଁ ନିବେଦନ**

କେନ୍ଦୁଝର,୧୨।୫(ନରେଶ ଚନ୍ଦ୍ର ପଟ୍ଟନାୟକ)



ଯୁବ ଓ ଶ୍ରମ ବିକାଶ ମଞ୍ଚର ଉପ ସଭାପତି ଲୋକଙ୍କ ସହ ଆଲୋଚନା କରୁଛନ୍ତି।

କେନ୍ଦ୍ର ଓ ରାଜ୍ୟ ସରକାର ବସୁଧା, ମେଗା ପ୍ରୋଜେକ୍ଟ, ସୋଲାର ପମ୍ପ ଆଦି ଯୋଜନାରେ ବିଶୁଦ୍ଧ ପିଇବା ପାଣି ଯୋଗାଇ ଦେଉଛନ୍ତି। ମାତ୍ର ବାସ୍ତବ ପକ୍ଷେ ବିଭିନ୍ନ ସ୍ଥାନରେ ଲୋକେ ପାଣି ପାଇ ପାରୁ ନ ଥିବାରୁ ଯୋଜନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଦୃଷ୍ଟାନ୍ତ ସଦର ବ୍ଲକ୍ ଅନ୍ତର୍ଗତ ଗୋବର୍ଦ୍ଧନ ପଞ୍ଚାୟତ ସେଣ୍ଟକାପ ଭାଲିଆପତଳା ମନ୍ଦିର ସାହିରେ ଦେଖିବାକୁ ମିଳିଛି।

ପ୍ରକାଶ ଯେ, ସାହିର ମନ୍ଦିର ପ୍ରାଙ୍ଗଣରେ ଗୋଟିଏ ନଳକୂପ ରହିଛି। ନଳକୂପଟିରୁ ସୋଲାର ପମ୍ପ ଦ୍ୱାରା ପାଣି ଉଠାଯାଇ ୩ ଟ୍ୟାପ ଲଗାଯାଇଛି। ସାହିରେ କୂପ କିମ୍ବା ପୋଖରୀ ନ ଥିବାରୁ ୪୦ ପରିବାରର ପାଖାପାଖି ୨୦୦ ଲୋକ ଲୁଗା ସଫା, ବାସନ ମାଜିବା, ଗାଧୋଇବା, ରୋଷେଇ ଓ ପିଇବା ପାଇଁ ଉକ୍ତ ଟ୍ୟାପ ପାଣି ବ୍ୟବହାର କରୁଛନ୍ତି। ଏଥିସହ ମନ୍ଦିରରେ ପର୍ବପର୍ବାଣୀ ପାଇଁ ମଧ୍ୟ ଟ୍ୟାପ ପାଣି ବ୍ୟବହାର ହେଉଛି। ମାତ୍ର ପ୍ରତ୍ୟେକ ଦିନ ଅପରାହ୍ନ ୩ ଘଟିକା ପରେ ଟ୍ୟାପରେ ପାଣି ଆସୁ ନ ଥିବାବେଳେ ସକାଳ ୯ ଘଟିକା ପରେ ସୂର୍ଯ୍ୟ କିରଣର ଆଲୋକ ପଡ଼ିଲେ ସୋଲାର ପମ୍ପରେ ପାଣି ଉଠୁଛି। ମେଘୁଆ ପାଗ ହେଲେ ବି ପାଣି ଉଠୁ ନ ଥିବାରୁ ଲୋକେ ହଇରାଣ ହେଉଥିବା ଝିଲି ନାଏକ, ପ୍ରମିଳା ନାଏକ, ପୁଷ୍ପାଞ୍ଜଳି ବେହେରା କହିଛନ୍ତି। ବାଧ ହୋଇ ଅନ୍ୟ ସାହିରେ ଥିବା ନଳକୂପ, ଓ ଅନ୍ୟ ଘରେ ଥିବା ବୋରୱେଲ ଉପରେ ନିର୍ଭର କରୁଛନ୍ତି। ଯୁବ ଓ ଶ୍ରମ ବିକାଶ ମଞ୍ଚ କେନ୍ଦୁଝରଗଡ ଉପସଭାପତି ଜୟକୃଷ୍ଣ ନାଏକ ସମସ୍ୟା ଦେଖି ସାହିରେ ତୁରନ୍ତ ନୂତନ ନଳକୂପ ଖନନ କରିବାକୁ ସାହିବାସୀଙ୍କ ସହିତ ଅତିରିକ୍ତ ବିଡିଓ ଭାଗବତ ନାଏକଙ୍କୁ ଦରଖାସ୍ତ ଦେବା ସହିତ ଆଲୋଚନା କରିଥିଲେ। କଲଚୁରାଲ କ୍ଲବ୍ ପ୍ରାଙ୍ଗଣରେ ନଳକୂପଟିଏ ଖନନ କରିବାକୁ ରଞ୍ଜିତା ବେହେରା, ରଶ୍ମି ନାଏକ, କୁନି ନାଏକ, ରଞ୍ଜୀ ନାଏକ, ଅନୁପମା ଘଣା, ସାବିତ୍ରୀ ନାଏକ, ଉର୍ମିଳା ନାଏକ, ପିଙ୍କି ବେହେରା, ମାଧୁରୀ ବେହେରା, ଆଲମଣି ମହାରଣା ପ୍ରମୁଖ ନିବେଦନ କରିଛନ୍ତି। ତୁରନ୍ତ ପାଣି ସମସ୍ୟା ସମାଧାନ କରାଯିବ ବୋଲି ଅତିରିକ୍ତ ବିଡିଓ ଆଶ୍ୱାସନା ଦେଇଥିଲେ।

# ଜନ ଆଶୀର୍ବାଦ ଲୋଡ଼ିଲେ ମୀନା

କେନ୍ଦୁଝର,୧୨।୫(ଦୀପକ ମିଶ୍ର)

କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କେନ୍ଦୁଝରଗଡ଼ ପୌରପାଳିକାର ୪ ଓ ୫ ନମ୍ବର ୱାର୍ଡରେ ବିଜେଡି ବୈଠକ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ସଦର ବିଧାନସଭା ପ୍ରାର୍ଥିନୀ ମୀନା ମାଝୀ ଯୋଗଦେଇ ମା'ଙ୍କୁ ସମ୍ମାନ, ଗାଁକୁ କାମର ସ୍ଲୋଗାନ ଦେଇଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକ। ଆଜି ତାଙ୍କର ସୁପୁତ୍ର ନବୀନ ପଟ୍ଟନାୟକ ମହିଳାଙ୍କ ବିକାଶ କଥା ଚିନ୍ତା କରି ଲୋକ ସଭା ପାଇଁ ୩୩% ପ୍ରାର୍ଥୀ ଦେବା ସହିତ ସଦର ନିର୍ବାଚନମଣ୍ଡଳୀରେ ତାଙ୍କୁ ପ୍ରାର୍ଥୀ ଭାବେ ମନୋନୀତ କରିଥିବାରୁ ସେ ସମସ୍ତଙ୍କର ଆଶୀର୍ବାଦ କାମନା କରିଥିଲେ। ପୂର୍ବତନ ବିଜେଡି ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ର, ବିଜେଡି ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ, କାଉନ୍‌ସିଲର କେକୀ କାକଳୀ କୁମୁରା, ଅବିନାଶ ମିଶ୍ର, ଭଗବାନ ନାଏକ, ଗୋପାଳ ସାହୁ, ନଗର ମହିଳା ବିଜେଡି ସଭାପତି ପୁନମ ସିଂ ପ୍ରମୁଖ ଉପସ୍ଥିତ ଥିଲେ। ରାହୁଲ ସାହୁ ସଂଯୋଜନା କରିଥିଲେ।

# ବିଜେଡିର ପଞ୍ଚାୟତସ୍ତରୀୟ ନିର୍ବାଚନୀ ସଭା

ପାଟଣା,୧୨।୫(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ତାଳପକ, ଦାମହୁଦା ଓ ଗୋରାସ ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ନିର୍ବାଚନୀ ସଭା ରବିବାର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରାର୍ଥୀ ଜଗନ୍ନାଥ ଓ ଏମ୍‌ପି ପ୍ରାର୍ଥୀ ଧନୁର୍ଜୟ ସିଦ୍ଧୁଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ରାଜ୍ୟ ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ ବିଜେଡିର ଲୋକାଭିମୁଖୀ ଇସ୍ତାହାର ବିଷୟରେ ଜଗନ୍ନାଥ ନାଏକ ଲୋକଙ୍କୁ ଅବଗତ କରିବା ସହ ପୁନର୍ବାର ବିଜେଡିକୁ ବିଜୟୀ କାରିବାକୁ ନିବେଦନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକ୍ ବିଜେଡି ସଭାପତି ଦିଲ୍ଲୀପ ସାହୁ, ସମିତି ସଭ୍ୟ ଦୀପକ ମହାନ୍ତ, ଜିଲା ବିଜେଡି ଉପ ସଭାପତି ଗୋବିନ୍ଦ ମହାନ୍ତଙ୍କ ସହ ବହୁ ବିଜେଡି କର୍ମୀ ଓ ନେତା ଯୋଗ ଦେଇଥିଲେ।

# କନକ ମଞ୍ଜରୀ ମହାବିଦ୍ୟାଳୟରେ ରହିଲା ଇଭିଏମ୍

ଆନନ୍ଦପୁର,୧୨।୫( ଉମେଶ ଚନ୍ଦ୍ର ପାଢ଼ୀ)

କେନ୍ଦୁଝର ଜିଲା ଘସିପୁରା ଓ ଆନନ୍ଦପୁର ନିର୍ବାଚନ ମଣ୍ଡଳୀ ପାଇଁ ଇଭିଏମ୍ ମେସିନ ଗୁଡ଼ିକ କଡ଼ା ସୁରକ୍ଷା ମଧ୍ୟରେ କନକ ମଞ୍ଜରୀ ମହାବିଦ୍ୟାଳୟରେ ରହିଛି। ରବିବାର ଆନନ୍ଦପୁର ଉପ ଜିଲାପାଳ ଫଲଗୁନୀ ମାଝୀ, ଘସିପୁରା ରିଟର୍ନିଂ ଅଫିସର କିଶୋର ପଣ୍ଡାଙ୍କ ତତ୍ତ୍ୱାବଧାନରେ ନିର୍ବାଚନ ଲଢ଼ୁଥିବା ପ୍ରତିନିଧି ଓ ତାଙ୍କର ଏଜେଣ୍ଟଙ୍କ ସମ୍ମୁଖରେ ଷ୍ଟ୍ରଙ୍ଗ ରୁମ ଗୁଡ଼ିକୁ ଖୋଲାଯାଇ ଭିଭି ପାର୍ଟ, କାଷ୍ଟିଂ ୟୁନିଟ ଗୁଡିକୁ ଏକତ୍ରିତ କରାଯାଇ ବୁଥ୍ ୱାଇଜ କରାଯାଇଥିଲା। ପୁଣି ସମସ୍ତ ଇଭିଏମ୍ ମେସିନଗୁଡ଼ିକୁ ଷ୍ଟ୍ରଙ୍ଗ୍ ରୁମ୍‌ରେ ରଖାଯାଇଥିଲା। ନିର୍ବାଚନ କମିଶନଙ୍କ ନିୟମ ଅନୁଯାୟୀ ୨୪ ତାରିଖରେ ଭୋଟ କେନ୍ଦ୍ରକୁ ପଠାଯିବ। ଘସିପୁରାର ୩୦୦ ଓ ଆନନ୍ଦପୁରର ୨୯୧ ବୁଥ ପାଇଁ ପ୍ରସ୍ତୁତି କାର୍ଯ୍ୟ ଉପ ଜିଲାପାଳ ତଦାରଖ କରୁଛନ୍ତି। ଡେପୁଟି କଲେକ୍ଟର ଅଭିଲିପ୍ସା ମହାନ୍ତି, ଆନନ୍ଦପୁର ତହସିଲଦାର ସଂଗ୍ରାମ କେଶରୀ ଭୋଳ, ଆନନ୍ଦପୁର ବିଡିଓ ଯୋଗରଞ୍ଜନ ନାୟକ, ଘସିପୁରା ତହସିଲଦାର ନୀଳକଣ୍ଠ ନାୟକ, ଘସିପୁରା ବିଡ଼ିଓ ମାନସ ସାମଲ ପ୍ରମୁଖ ସହଯୋଗ କରୁଛନ୍ତି।

# କୂଅରେ ପଡ଼ି ବୃଦ୍ଧା ମୃତ

ଢେଙ୍କିକୋଟ୍,୧୨।୫(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା ଢେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅନ୍ତର୍ଗତ ସରାସପଶି ପଞ୍ଚାୟତ ଭରାଣ୍ଡିଆ ଗ୍ରାମରେ କୂଅରେ ପଡ଼ି ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୁଣ୍ଡା ସାହିର ସପନୀ ମୁଣ୍ଡା(୬୦)। ସପନୀ ଗତ ୧୦ ତାରିଖ ସନ୍ଧ୍ୟାରେ ସମ୍ପର୍କୀୟ ଘରକୁ ଯାଇଥିଲେ। ବାଟରେ ଏକ ଖୋଲା କୂଅରେ ପଡ଼ିଯାଇଥିଲେ। ସମ୍ପର୍କୀୟଙ୍କ ଘରେ ନ ପହଞ୍ଚିବାରୁ ଘର ଲୋକ ଖୋଜାଖୋଜି କରି ପାଇ ନ ଥିଲେ। ଶନିବାର କୂଅରେ ସପନୀଙ୍କ ମୃତଦେହ ଭାସୁଥିବାର ଦେଖିଥିଲେ। ରବିବାର ପାଟଣା ଅଗ୍ନିଶମ ବିଭାଗ ଏବଂ ଢେଙ୍କିକୋଟ ପୋଲିସ ପହଞ୍ଚି ମୃତଦେହ ବାହାର କରିଥିଲା। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୨୨/୨୪) ରୁଜୁ ହୋଇଛି। ପାଟଣା ଡାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ପ୍ରଚାରକୁ ଜୋରଦାର କଲା ବିଜେଡି



**ଆନନ୍ଦପୁର ବିଧାନସଭା କ୍ଷେତ୍ର**

ହାଟଡ଼ିହୀ,୧୨।୫(ଶୁଭକାନ୍ତ ନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ବିଜେଡି ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛି। ରବିବାର ବିଜେଡି ବିଧାୟକ ପ୍ରାର୍ଥୀ ଅଭିମନ୍ୟୁ ସେଠୀ ଘର ଘର ବୁଲି ବିଜେଡି ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାକୁ ମୁଦ୍ଦା କରି ସମର୍ଥନ ସଂଗ୍ରହ କରୁଛନ୍ତି। ଆସନ୍ତା ୧୯ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆନନ୍ଦପୁର ବିଧାନସଭା କ୍ଷେତ୍ରରେ ନିର୍ବାଚନୀ ସଭାରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବାରୁ ବିଜେଡି କର୍ମୀମାନେ ଉତ୍ସାହିତ ରହିଛନ୍ତି। ଏଥିସହ ବିଭିନ୍ନ ପଞ୍ଚାୟତରେ ଥିବା ଅସନ୍ତୁଷ୍ଟମାନେ ପ୍ରଚାରରେ ସାମିଲ ହେଉଥିବା ଦେଖିବାକୁ ମିଳିଛି।

# ଭାଜପାର ନାରୀ ଶକ୍ତି ବନ୍ଦନ ସମାବେଶ

ପାଟଣା,୧୨।୫(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଚୀନାମାଳିପଶି ହାଟପଡ଼ିଆରେ ରବିବାର ଭାଜପା ପକ୍ଷରୁ ନାରୀ ଶକ୍ତି ବନ୍ଦନ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପାଟଣା ବ୍ଲକ୍ ଚିନାମାଳିପଶି, ପଲାଣଘାଟି, ମୂଷା ଖୋରୀ, ଢୁମୁରିଆ ପଞ୍ଚାୟତର ମହିଳା ସାମିଲ ହୋଇଥିଲେ। ଭାଜପା ଜିଲା କାର୍ଯ୍ୟ କାରିଣୀ ସଦସ୍ୟ ପ୍ରହ୍ଲାଦ ପଲେଇଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ କେନ୍ଦୁଝର ରାଣୀ ସୁନନ୍ଦିନୀ ଭଞ୍ଜଦେଓ ଯୋଗଦେଇ ଓଡ଼ିଶାରେ ମହିଳା ଓ ଆଦିବାସୀଙ୍କ ବିକାଶ କରିବା ପାଇଁ ହେଲେ ଡବଲ ଇଞ୍ଜିନ ସରକାର ଆଣିବାକୁ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ରାଜ୍ୟ କୃଷକ ମୋର୍ଚ୍ଚା ଉପ ସଭାପତି ରାଧାକାନ୍ତ ମହାନ୍ତ, ପାଟଣା ନିର୍ବାଚନ ମଣ୍ଡଳୀ ଭାଜପା ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ, ମମିତା ନାଏକ, ମମତା ସିଂ, ଲବଙ୍ଗ ଲତା ନାୟକ, ସୋମବାରି ମୁଣ୍ଡା ପ୍ରମୁଖ ଯୋଗଦେଇଥିଲେ।

# ଗଡ଼ପଦାରେ କଂଗ୍ରେସର ନିର୍ବାଚନୀ ସଭା

ରୂପସା,୧୨।୫(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଗଡ଼ପଦା ପଞ୍ଚାୟତରେ କଂଗ୍ରେସର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବସ୍ତା ବ୍ଲକ କଂଗ୍ରେସ ସଭାପତି ସତ୍ୟନାରାୟଣ ଗୁପ୍ତା ଏହି ସଭାରେ ସଭାପତିତ୍ୱ କରିଥିଲେ। ଜିଲା କଂଗ୍ରେସ କମିଟି ସାଧାରଣ ସମ୍ପାଦକ ତଥା ଭଦ୍ରକ ଲୋକସଭା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ସୁଧାଂଶୁ ଶେଖର ଜେନା ମଞ୍ଚ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ବାଲେଶ୍ୱର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଯୋଗଦେଇ କଂଗ୍ରେସକୁ ବିଜୟୀ କଲେ ଦିଲ୍ଲୀ ପୁଣି ଆପଣଙ୍କ ଦ୍ୱାରସ୍ଥ ହେବ ବୋଲି ବକ୍ତବ୍ୟରେ କହିଥିଲେ। ବସ୍ତା ନିର୍ବାଚନ ମଣ୍ଡଳୀ କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜନ ନାୟକ ଯୋଗ ଦେଇ ବସ୍ତାର ବିକାଶ ପାଇଁ ଦଳକୁ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ପୂର୍ବତନ ସରପଞ୍ଚ ମଦନମୋହନ ଜେନା, ୧୪ ନମ୍ବର ଜୋନ୍ ସଭାପତି ରବିନ୍ଦ୍ର ଦାସ, ୧୫ ନମ୍ବର ଜୋନ୍ ସଭାପତି କିଶୋର ପାଳ, ଜିଲା କଂଗ୍ରେସ କିଶାନ ସଭାପତି ଜୟନ୍ତ କୁମାର ମହାପାତ୍ର, ବ୍ଲକ କଂଗ୍ରେସ ଏସସି ସେଲ୍ ସଭାପତି ସୃଷ୍ଟିଧର ମହାଲିକ, ଗଡ଼ପଦା ପଞ୍ଚାୟତ କଂଗ୍ରେସ ସଭାପତି ଚକ୍ରଧର ମହାନ୍ତି, ରାଉତପଡ଼ା କଂଗ୍ରେସ ସଭାପତି ପ୍ରଦୀପ ଦେ, ସନ୍ତୋଷ ବାରିକ, ଶ୍ରୀନିବାସ ରାଉତ, ରମଣିରଞ୍ଜନ ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ।

# ସେବା କ୍ଷେତ୍ରରେ ସେବିକାଙ୍କ ସ୍ଥାନ ଊର୍ଦ୍ଧ୍ୱରେ




ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର, ଅଧ୍ୟାପିକା ଓ ଅଧ୍ୟାପକମାନେ।

ଚମ୍ପୁଆ,୧୨।୫(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାସ୍ଥିତ ଶିକ୍ଷା ନଗରୀଠାରେ ଅବସ୍ଥିତ କୌରାଲି କଲେଜ ଅଫ୍ ନର୍ସିଂ ପକ୍ଷରୁ ବିଶ୍ୱ ସେବିକା ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ କୌରାଲି ମହାବିଦ୍ୟାଳୟର ଡାଇରେକ୍ଟର ପିଏସ୍ ରାଜମୋହନ, ସମ୍ପାଦିକା ଉମା ରାଜମୋହନ, ପରିଚାଳନା ମୁଖ୍ୟ କେଏସ୍ ମୁରଲୀ ଧରନ ଓ କାର୍ଯ୍ୟାଳୟ ମୁଖ୍ୟ ପରିଚାଳକ ଦୈତାରୀ ସାହୁ ପ୍ରମୁଖ ଯୋଗଦେଇ ସେବା ଓ ସେବିକାଙ୍କ ସମ୍ପର୍କ ଗୋଟିଏ ସୂତ୍ରରେ ଯୋଡ଼ା। ସେବା କ୍ଷେତ୍ରରେ ସେବିକାଙ୍କ ସ୍ଥାନ ସବୁବେଳେ ଊର୍ଦ୍ଧ୍ୱରେ ରହିଥାଏ ବୋଲି ମତ ପୋଷଣ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରଥମ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବା ସହିତ ସଫଳ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ପ୍ରଧାପିକା ଡ. ମାଇକେଲ ଜେବା ଆର୍‌ସି, ପ୍ରଧାପକ ଡ. ବି ରାମାରାଜୁ, ଅଧ୍ୟକ୍ଷ ଗିରିଜା ଶଙ୍କର କର, ପ୍ରଧାପକ ବିକେ ଭାରତୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।

# 'ଜିଲାର ବିକାଶ ହେବ ପ୍ରାଥମିକତା'

ବାରିପଦା,୧୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ସର୍ବାଙ୍ଗୀନ ବିକାଶ ହିଁ ଜିଲା ଭାଜପା ପାଇଁ ପ୍ରଥମ ଓ ଶେଷ କଥା ହେବ। ନିର୍ବାଚନରେ ବିଜୟୀ ହେବା ପରେ ଏ ଦିଗରେ ନିଷ୍ଠାପର ଉଦ୍ୟମ ଆରମ୍ଭ ହେବ ବୋଲି ଏକ ଖବରଦାତା ସମ୍ମିଳନୀରେ ଭାଜପା ପକ୍ଷରୁ ଘୋଷଣା କରାଯାଇଛି। ଶନିବାର ଦଳ ପକ୍ଷରୁ ଆହୁତ ସମ୍ମିଳନୀରେ ଜିଲବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି ମୟୂରଭଞ୍ଜ ଲୋକ ସଭା ପ୍ରାର୍ଥୀ ନବ ଚରଣ ମାଝୀ। ସେ କହିଛନ୍ତି, ଜିଲାରେ ରେଳ, ସଡ଼କ, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ଏହି ଭଞ୍ଜମାଟିକୁ ଆହୁରି ଆଗକୁ ଆଗେଇ ନିଆଯିବ। କେନ୍ଦ୍ରରେ ପୁଣି ଥରେ ମୋଦୀ ସରକାର ଗଠିତ ହେବାର ଶହେ ଦିନ ମଧ୍ୟରେ ହିଁ ବାଙ୍ଗିରିପୋଷି-ଗୋରୁମହିଷାଣୀ, ବୁଢ଼ାମରା-ଚାକୁଲିଆ ଓ କେନ୍ଦୁଝର-ବାଦାମପାହାଡ଼ ନୂତନ ରେଳପଥ ନିର୍ମାଣ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯିବ। ଏହାସହ ଶିମିଳିପାଳ ଅଭୟାରଣ୍ୟ ପାଦଦେଶରେ ଥିବା ପର୍ଯ୍ୟଟନ ସ୍ଥଳୀଗୁଡ଼ିକର ବିକାଶ, ଜିଲାରେ ବନ୍ଦ ପଡ଼ିଥିବା ହୋମିଓପାଥି, ଆୟୁର୍ବେଦ କଲେଜ, ସ୍ପିନିଂ ମିଲ୍‌ଗୁଡ଼ିକ ପୁନଃ ପ୍ରଚଳନ କରିବାକୁ ପ୍ରାଧାନ୍ୟ ଦିଆଯିବ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ସେହିପରି ମୋଦୀ ଗ୍ୟାରେଣ୍ଟିକୁ ନେଇ ଚାଷୀଙ୍କୁ ଉପଯୁକ୍ତ ଧାନର ମୂଲ୍ୟ, ମହିଳାଙ୍କୁ ସ୍ୱାବଲମ୍ବୀ କରିବା, ଯୁବପିଢ଼ିଙ୍କୁ ରୋଜଗାରକ୍ଷମ, ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଆୟୁଷ୍ମାନ ଆଦି ବିଭିନ୍ନ ଯୋଜନା ସମ୍ପର୍କରେ ସେ ଆଲୋକପାତ କରିଥିଲେ। ସର୍ବୋପରି ଦାଦନମୁକ୍ତ ଜିଲା ଭାବେ ଏକ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି। ଜିଲାର ବିକାଶମୂଳକ କାର୍ଯ୍ୟରେ ଖବରଦାତାଙ୍କ ପ୍ରସ୍ତାବକୁ ଗୁରୁତର ସହ ଗ୍ରହଣ କରି କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି। ଭାଜପା ରାଜ୍ୟ ମୁଖପାତ୍ର କବି ବିଷ୍ଣୁ ଶତପଥିଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ବାରିପଦା ବିଧାନସଭା ପ୍ରାର୍ଥୀ ପ୍ରକାଶ ସୋରେନ, ମୋରଡ଼ା ପ୍ରାର୍ଥୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ସାରସକଣା ପ୍ରାର୍ଥୀ ଭାଦବ ହାଁସଦା, ମୟୂରଭଞ୍ଜ ଜିଲା(ପୂର୍ବ) ସଭାପତି କାନ୍ଦରା ସୋରେନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଞ୍ଜୀବ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# କଂଗ୍ରେସର ସାଧାରଣ ସଭା

ରେମୁଣା,୧୨।୦୫(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରେମୁଣା ମନ୍ଦିର ଛକ ନିକଟରେ କଂଗ୍ରେସ ବାଲେଶ୍ୱର ଏମ୍‌ପି ପ୍ରାର୍ଥୀ ଶ୍ରୀକାନ୍ତ ଜେନା ଏବଂ ରେମୁଣା ନିର୍ବାଚନମଣ୍ଡଳୀର ବିଧାୟକ ପ୍ରାର୍ଥୀ ସୁଦର୍ଶନ ଜେନାଙ୍କ ନେତୃତ୍ୱରେ ଆଗାମୀ ନିର୍ବାଚନ ନିମନ୍ତେ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ବିଧାୟକ ପ୍ରାର୍ଥୀ ଜେନା, ରେମୁଣାର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ବରିଷ୍ଠ ଆଇନଜୀବୀ ମନୋଜ କୁମାର ନାଏକ, ଜାତୀୟ କଂଗ୍ରେସ ଦଳର ବାଲେଶ୍ୱର ଜିଲା ସଭାପତି ସଞ୍ଜୀବ ଗିରି, ରେମୁଣା ବ୍ଲକ ସଭାପତି ତରୁଣ ଦାସ, ଜିଲା ଯୁବ ସଭାପତି ରଞ୍ଜନ ଦାଶ, ବରିଷ୍ଠ ନେତା ରାମ ନାରାୟଣ ଶତପଥୀ, ଶ୍ରୀକାନ୍ତ ପତି, ପ୍ରେମ ରଞ୍ଜନ ପାତ୍ର, ଅକ୍ଷୟ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ସେକ୍ ରାଜୁ, କହ୍ନେଇ ବେହେରା, ସେକ୍ ମୁନ୍ନା, ନିରଞ୍ଜନ ବେହେରା, ଷ୍ଟାଲିନ୍ ମିଶ୍ରଙ୍କ ସମେତ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଛୁରି ମାଡ଼ ଘଟଣାରେ ଜଣେ ଗିରଫ

କେନ୍ଦୁଝର, ୧୨।୫
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ କଟଲପଶି ଗ୍ରାମ ନିକଟରେ ଶନିବାର ସନ୍ଧ୍ୟାରେ ଗ୍ୟାରେଜ ମାଲିକଙ୍କୁ ଛୁରା ମାରିବା ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଛି। ଘଟଣାରେ ଅନ୍ୟ ଜଣଙ୍କୁ ଅଟକ ରହିଥିବା ଜଣାପଡ଼ିଛି। ଗିରଫ ବ୍ୟକ୍ତି ହେଲେ କୈଳାସ ମହାନ୍ତି। ଘଟଣାରେ ଜଡିତ ଗାଡ଼ି ଚାଳକ ପୁରେନ୍ଦ୍ର ମହାନ୍ତ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ଥିବା ଜଣାପଡ଼ିଛି।

ପ୍ରକାଶ ଯେ, ବିଜେଡିର ଏକ ପ୍ରଚାର ଗାଡି ଛୁରା ମାଡ଼ର ଶିକାର ହୋଇଥିବା ଗ୍ୟାରେଜ ମାଲିକ ଧରଣୀଧର ମହାନ୍ତଙ୍କ ଗ୍ୟାରେଜ ଆଗରେ ରଖିବା ଘଟଣାକୁ ନେଇ ବିବାଦ ଦେଖାଦେଇଥିଲା। ଘଟଣାରେ ଗାଡ଼ି ଚାଳକ ପୁରେନ୍ଦ୍ରର ମହାନ୍ତ ଗାଡିର ମାଲିକ କୈଳାସ ଓ ତାଙ୍କ ବାପାଙ୍କୁ ଡାକିଥିଲେ। ଘଟଣାକୁ ନେଇ ସେମାନେ ପୁରେନ୍ଦରଙ୍କୁ ଆକ୍ରମଣ କରିବାରୁ ଉତ୍କ୍ଷିପ୍ତ ହୋଇ ସେ ଛୁରି ମାରିଦେଇଥିବା ଅଭିଯୋଗ ହୋଇଛି। ଫଳରେ ଗ୍ୟାରେଜ ମାଲିକ ଧରଣୀଧର ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ଅଛନ୍ତି। ପରେ ସ୍ଥାନୀୟ ଲୋକ ପୁରେନ୍ଦରକୁ ମାଡ ମାରି ଏକ ଖୁଣ୍ଟରେ ବାନ୍ଧି ଦେଇଥିଲେ। ଗାଡ଼ିଟିକୁ ଭାଙ୍ଗାରୁଜା କରିଥିଲେ। ଖବର ପାଇ ପୋଲିସ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ମେଡିକାଲ ନେଇଥିଲେ। ପରେ ରାତିରେ କୈଳାସ ଓ ତାଙ୍କ ବାପାଙ୍କୁ ଥାନାକୁ ଆଣିଆସିଥିଲେ। ରବିବାର ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଭିତ୍ତି କରି ଧରଣୀଧର ଓ କୈଳାସଙ୍କ ଅଭିଯୋଗକୁ ଭିତ୍ତି କରି କେସ ନମ୍ବର ୧୨୩ ଓ ୧୨୪ ରେ ୨ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ବୋଲି ଥାନା ଅଧିକାରିଣୀ ସମ୍ବାରୀ ହାଁସଦା କହିଛନ୍ତି। ତେବେ ଘଟଣାରେ କୈଳାସଙ୍କୁ ଗିରଫ କରାଯାଇଥିବା ବେଳେ ତାଙ୍କ ବାପାଙ୍କୁ ଅଟକ ରଖାଯାଇଥିବା କହିଛନ୍ତି। ଅନ୍ୟପକ୍ଷରେ ମେଡିକାଲରେ ଚିକିତ୍ସାଧୀନ ଥିବାରୁ ପୁରେନ୍ଦ୍ରରଙ୍କୁ ଗିରଫ କରାଯାଇପାରି ନ ଥିବା ଜଣାପଡ଼ିଛି। ଘଟଣାରେ ଜଣେ ଗିରଫ ହୋଇଥିବା ବେଳେ ଏହାର ପ୍ରକୃତ କାରଣକୁ ନେଇ ତଦନ୍ତ ଜାରି ରହିଛି ବୋଲି ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକ କହିଛନ୍ତି।

# ଜୟଦେବଙ୍କ ବାଇକ ଶୋଭାଯାତ୍ରା

ରାମଚନ୍ଦ୍ରପୁର,୧୨।୫(ଗଣେଶ୍ୱର ସା): କେନ୍ଦୁଝର ଜିଲା ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ୩ ନଂ. ଜୋନ୍‌ରେ ରବିବାର କଂଗ୍ରେସ ପକ୍ଷରୁ ବାଇକ ଶୋଭାଯାତ୍ରା ହୋଇଛି। ୫ ପଞ୍ଚାୟତ ଯଥା ବାଇଲୋ, ପଞ୍ଚୁପଲି, ବେଲବାହାଲି, ହରିଡ଼ାପାଳ, ଜଳସୁଆଁରେ ଶୋଭାଯାତ୍ରା ହୋଇଥିବା ବେଳେ କଂଗ୍ରେସ ବିଧାୟକ ପ୍ରାର୍ଥୀ ଜୟଦେବ ଜେନା ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଭ୍ରଷ୍ଟାଚାର ଦୁର୍ନୀତି ସରକାର ଆଉ ରହିବ ନାହିଁ। ନିର୍ବାଚନରେ ସାଧାରଣ ଲୋକେ ଏହାର ଜବାବ ଦେବେ ବୋଲି କରିଥିଲେ। ଶୋଭାଯାତ୍ରାରେ କଂଗ୍ରେସର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସାଧାରଣ ସମ୍ପାଦକ ମନୋଜ ଜେନା, ଆନନ୍ଦପୁର ନଗର ସଭାପତି ହାଡ଼ିବନ୍ଧୁ ଖୁଣ୍ଟିଆ, ରାଜ୍ୟ ଯୁବ ସଂଗଠକ ସତ୍ୟବ୍ରତ ଜେନା, ସୁରେଶ ଜେନା, ବୈଲଚନ ବାରିକ, ଚଗଲା ସାହୁ, ବାବୁ ସାହୁ, ପ୍ରମୋଦ ବାରିକ, କାଳନ୍ଦୀ ସା, ନୁରି ସାହୁ, ସୁବ୍ରତ କୁମାର ଜେନା, ରାଜେସ ମାଝୀଙ୍କ ସମେତ ୨ ହଜାରରୁ ଊର୍ଦ୍ଧ୍ୱ ସମର୍ଥକ ଯୋଗ ଦେଇଥିଲେ। କଂଗ୍ରେସ ୨୦୨୪ରେ କ୍ଷମତାକୁ ଆସିଲେ ବିକାଶ ହେବ ବୋଲି ଶ୍ରୀ ଜେନା ପ୍ରକାଶ କରିଥିଲେ।

# ୧୯ନଂ. ୱାର୍ଡରେ ଭାଜପା ପ୍ରାର୍ଥୀଙ୍କ ପ୍ରଚାର

ବାଲେଶ୍ୱର,୧୨।୫(ମାନସ ବିଶ୍ୱାଳ)

ବାଲେଶ୍ୱର ପୌରପରିଷଦ ଅନ୍ତର୍ଗତ ଶୋଭାରାମପୁରର ୧୯ନଂ. ୱାର୍ଡରେ ଘର ଘର ବୁଲି ପ୍ରଚାର କରିବା ସହ ଲୋକଙ୍କ ଆଶୀର୍ବାଦ କାମନା କରିଛନ୍ତି ଭାଜପା ପ୍ରାର୍ଥୀ ମାନସ ଦତ୍ତ। କେନ୍ଦ୍ରୀୟ ଯୋଜନାଗୁଡ଼ିକ କିଭଳି ଓଡ଼ିଶାରେ ଲାଗୁ କରାଯିବ ସେ ଦିଗରେ ଭାଜପା ଯତ୍ନବାନ ରହିଛି। ତେଣୁ ମତଦାତାମାନେ ଆସନ୍ତା ଜୁନ୍ ୧ରେ ଇଭିଏମ୍ ମେଶିନରେ ଦୁଇଟି ପଦ୍ମ ଫୁଲରେ ସୁଇଚ୍ ଟିପି ଭୋଟ୍ ଦେବାକୁ ନିବେଦନ କରିଥିଲେ। ପ୍ରଚାର ସମୟରେ ଗଙ୍ଗାଧର ରାଉତ, କାଉନସିଲର ଚିତ୍ତରଞ୍ଜନ ପଣ୍ଡା, ସୀତାକାନ୍ତ ସ୍ୱାଇଁ, ପୂର୍ବତନ କାଉନସିଲର ଉପେନ୍ଦ୍ର ଶତପଥୀ, ବିଜୟ ନାୟକ, ମନ୍ମୟ ଦାସ, ସୌଭାଗ୍ୟ ମାନସ ନାୟକ, ଶ୍ରୀୟା ଦାସ, ସସ୍ମିତା ଶୁକ୍ଳା, ସ୍ୱର୍ଣ୍ଣ ପ୍ରିୟା ନାଥ ପ୍ରମୁଖ ଉପସ୍ଥିତ ଥିଲେ।

# ନାଇକୁଡି ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

ଲଙ୍ଗଳେଶ୍ୱର,୧୨।୫(କମଳାକାନ୍ତ ଦାସ)

ବାଲେଶ୍ୱର ଜିଲା ବସ୍ତା ନିର୍ବାଚନ ମଣ୍ଡଳୀ ବିଜେଡି ପକ୍ଷରୁ ନାଇକୁଡି ପଞ୍ଚାୟତରେ କର୍ମୀ ସମ୍ମିଳନୀ ଏବଂ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। କର୍ମୀ ସମ୍ମିଳନୀରେ ୩ ହଜାରରୁ ଊର୍ଦ୍ଧ୍ୱ ଜନସାଧାରଣ ଯୋଗଦେଇ ଥିଲେ। କର୍ମୀମାନେ ବାଇକ୍ ଶୋଭାଯାତ୍ରାରେ ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କୁ ପାଛୋଟି ନେଇଥିଲେ। ପ୍ରାର୍ଥିନୀ ଜେନା କର୍ମୀଙ୍କୁ ସମ୍ବୋଧନ କରି ବସ୍ତା-ବାଲିଆପାଳର ସାମଗ୍ରୀକ ଉନ୍ନତି ପାଇଁ ଦଳ ମତ ନିର୍ବିଶେଷରେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ।

ବସ୍ତା ବ୍ଲକ ବିଜେଡି ସଭାପତି ଅନିଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନାଇକୁଡି ପଞ୍ଚାୟତର ଭାଜପା ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ରାମଚନ୍ଦ୍ର ସାନ୍ତରାଙ୍କ ସମେତ ଭାଜପା ଏବଂ କଂଗ୍ରେସ ଦଳର ଶତାଧିକ ବରିଷ୍ଠ କର୍ମୀ ନିଜ ଦଳ ଛାଡି ବିଜେଡିରେ ସାମିଲ ହୋଇଥିଲେ। ଜିଲା ବିଜେଡି ଉପ-ସଭାପତି ଲକ୍ଷ୍ମୀଧର ଦାସ, ସୁବ୍ରତ ପଣ୍ଡା, ଜିଲା ବିଜେଡି କୃଷକ ମୋର୍ଚ୍ଚାର ସଭାପତି ଅଜୟ ସାମଲ, ନାଇକୁଡି ପଞ୍ଚାୟତର ସରପଞ୍ଚ ପ୍ରଜ୍ଞା ମହାନ୍ତି, ୧୭ ନମ୍ବର ଜୋନ୍ ଜିଲା ପରିଷଦ ସଦସ୍ୟା ସୁଜାତାରାଣୀ ଦଣ୍ଡପାଟ, ପୂର୍ଣ୍ଣଚନ୍ଦ୍ର ଜେନା, ବସ୍ତା ବ୍ଲକ ବିଜେଡି ମହିଳା ସଭାପତି ଲିପିକା ରାଉଳ, ନାଇକୁଡି ପଞ୍ଚାୟତ ବିଜେଡି ସଭାପତି ବେଣୁଧର ମହାନ୍ତି, ବଂଶୀଧର ମହାନ୍ତି, ପ୍ରଶାନ୍ତ ପଟ୍ଟନାୟକ, ବେହେରାଙ୍କ ସମେତ ବହୁ ବରିଷ୍ଠ ନେତୃବୃନ୍ଦ ଏବଂ କର୍ମକର୍ତ୍ତା କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

# ୨୩ରେ ଉଠିବ ଲଗ୍ନଥାଳ

- ଆଖଣ୍ଡଳମଣି ପୀଠରେ ଶିବବିବାହ ପାଇଁ ଜିଲାସ୍ତରୀୟ ପ୍ରସ୍ତୁତି
- ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଉପରେ ଗୁରୁତ୍ୱ

ଭଦ୍ରକ,୧୨ା୫ (ସନାତନ ରାଉତ)

ଭଦ୍ରକ ଜିଲାର ପ୍ରସିଦ୍ଧ ଶୈବପୀଠ ଆରଡ଼ି ଆଖଣ୍ଡଳମଣି ପୀଠରେ ଶିବବିବାହ ଉତ୍ସବ ଆସନ୍ତା ଜୁନ୍ ୧୧ରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଜିଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସେବାୟତ ବିଜୟ କୁମାର ଦାଶ ବିବାହ ଉତ୍ସବର ବରପିତା ଓ କନ୍ୟାପିତା ଚୟନ ପ୍ରକ୍ରିୟା ଅକ୍ଷୟ ତୃତୀୟାରେ ସ୍ଥିରୀକୃତ ହୋଇଥିବା ସୂଚନା ଦେବା ସହ ଚଳିତ ମାସ ୨୩ ତାରିଖରେ ଲଗ୍ନଥାଳ ଉଠା ନୀତି ସମ୍ପନ୍ନ ହେବ ବୋଲି କହିଥିଲେ। ପରେ ପୀଠରୁ ଏକ ରଥ ବାହାରି ନିମନ୍ତ୍ରଣ ପତ୍ର ଓ ମଙ୍ଗୁଳା ଗୁଆ ଜିଲା ସମେତ ପଡ଼ୋଶୀ ଜିଲାର ସମସ୍ତ ଦେବଦେବୀଙ୍କୁ ନିମନ୍ତ୍ରଣ କରାଯିବ। ଆସନ୍ତା ଜୁନ୍ ୧୦ରେ ମଙ୍ଗଳକୃତ୍ୟ ନୀତି ସମ୍ପନ୍ନ ଓ ୧୧ରେ ବୈଦିକ ରୀତିନୀତି ଅନୁସାରେ ଦେବଦମ୍ପତିଙ୍କ ବିବାହ ଅନୁଷ୍ଠିତ ହେବ ବୋଲି ଜଣାଇଥିଲେ।

ଏହି ଉତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ପୀଠରେ ତ୍ରିସ୍ତରୀୟ ସୁରକ୍ଷା ସହ ଟ୍ରାଫିକ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବ ବୋଲି ଏସ୍‌ପି ବରୁଣ ଗୁଣ୍ଟୁପାଲି କହିଥିଲେ। ସେହିପରି ପୀଠରେ ୨୪ ଘଣ୍ଟିଆ ବିଦ୍ୟୁତ୍ ସେବା ସହ ପାନୀୟଜଳ ଯୋଗାଣ ଉପରେ ଜିଲାପାଳ ଗୁରୁତ୍ୱ ଦେଇ ୭ଦିନ ପୂର୍ବରୁ ସମସ୍ତ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୀଠକୁ ଯାତାୟାତ ନିମନ୍ତେ ବସ୍‌ସେବା, ୨୪ଘଣ୍ଟିଆ ସ୍ୱାସ୍ଥ୍ୟସେବା, ସୂଚନାକେନ୍ଦ୍ର, ପରିମଳ ଆଦି ବ୍ୟବସ୍ଥା ଉପରେ ଜିଲାପାଳ ସମସ୍ତ ବିଭାଗ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ୩ ନଦୀଘାଟରେ ସୁରକ୍ଷିତ ଭାବେ ଯାତ୍ରୀ ପରିବହନ ହେବ। ନଦୀଘାଟଗୁଡ଼ିକର ଉଭୟ ପାର୍ଶ୍ୱରେ ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ମୁତୟନ ରହିବେ ବୋଲି ସୂଚନା ଦିଆଯାଇଥିଲା। ଶିବଗଙ୍ଗା ପୁଷ୍କରିଣୀ କାର୍ଯ୍ୟକୁ ତ୍ୱରାନ୍ୱିତ କରି ବର୍ଷାଋତୁ ପୂର୍ବରୁ ସାରିବା ପାଇଁ ଜିଲାପାଳ ପରାମର୍ଶ ଦେଇଛନ୍ତି। ବୈଠକରେ ଜିଲାପାଳ, ଏସ୍‌ପିଙ୍କ ସହ ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ମନୋଜ ପାତ୍ର, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ, ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଦୀପକ ପାଣିଗ୍ରାହୀ, ବିଭିନ୍ନ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ବରପିତା କେଦାରନାଥ ପାଢ଼ୀ, କନ୍ୟାପିତା ମନୋରଞ୍ଜନ ପାଢ଼ୀ, ଟ୍ରଷ୍ଟବୋର୍ଡ ସଭ୍ୟ ସରୋଜ ଦାଶ, ସେବାୟତ ପ୍ରତିନିଧି ସନ୍ତୋଷ ପାଢ଼ୀ, ବରିଷ୍ଠ ସେବାୟତ ସରୋଜ ପାଢ଼ୀ, ମନ୍ଦିର ପରିଚାଳକ ବିଦ୍ୟାଧର ପଲାଇଙ୍କ ସହ ବହୁ ସେବାୟତ ଆଭାସୀ ବୈଠକରେ ଅଂଶଗ୍ରହଣ କରିଥିଲେ।

## ଶତାୟୁ ମହିଳାଙ୍କ ପରଲୋକ

ବନ୍ତ,୧୨ା୫ (ହରିନାରାୟଣ ମହାନ୍ତି)

ବନ୍ତ ବ୍ଲକ କେନ୍ଦୁଆପଦା ପଞ୍ଚାୟତ ଅଧୀନ ଆମ୍ପୋର ଗ୍ରାମର ଶତାୟୁ ମହିଳା ତଥା ରାଜ୍ୟ ସରକାର ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଜମ୍ବୁବତୀ ଲେଙ୍କା(୧୦୧)ଙ୍କ ଶନିବାର ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ମୁରଲୀଧର ଲେଙ୍କାଙ୍କ ସମେତ ପୁଅବୋହୂ, ନାତୁଣୀନାତି ଉପସ୍ଥିତ ଥିଲେ। ପୂର୍ବତନ ସରପଞ୍ଚ ଜୟନ୍ତ କୁମାର ସାମଲ, ଶିକ୍ଷାବିତ୍ ଶ୍ରୀବତ୍ସ କରଶର୍ମା, ନିତ୍ୟାନନ୍ଦ ରାଉତ, ଖଗେଶ୍ୱର ମଲ୍ଲିକ, ରାଜେନ୍ଦ୍ର ଲେଙ୍କାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଶେଷକୃତ୍ୟ କରାଯାଇଥିଲା। ସାନପୁଅ ପାଣ୍ଡବ ମୁଖାଗ୍ନି ଦେଇଥିଲେ।

## କୁକୁରକୁ ନିଶା ଦେଇ ଘରେ କଳାକନା ବୁଲାଇଲେ



ଚାନ୍ଦବାଲି,୧୨ା୫ (କିଷାନ ପାତ୍ର)

ପୋଷା କୁକୁରକୁ ନିଶା ଦେଇ ଘରେ କଳାକନା ବୁଲାଇଲେ ଚୋର। ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ଟଙ୍କା ଚୋରି କରିନେଲେ। ଶନିବାର ବିଳମ୍ବିତ ରାତିରେ ଏଭଳି ଘଟଣା ଘଟିଛି ଭଦ୍ରକ ଜିଲା ଚାନ୍ଦବାଲି ଥାନା ଅଧୀନ ଉତୁକୁଡା ଗାଁରେ। ଉକ୍ତ ଗ୍ରାମର ରଞ୍ଜିତ ନାୟକଙ୍କ ପୋଷା କୁକୁରକୁ ନିଶା ଦେଇ ଘରୁ ଚୋରି କରାଯାଇଥିବା ନେଇ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ ହୋଇଛି।

ରଞ୍ଜିତ କରିଥିବା ଅଭିଯୋଗ ଅନୁଯାୟୀ, ବିଳମ୍ବିତ ରାତିରେ ତାଙ୍କ ପରିବାର ଲୋକେ ଶୋଇବା ପରେ ଚୋରମାନେ ରଡ୍ ମାଧ୍ୟମରେ ଘରର କବାଟ ତାଡ଼ି ଭିତରେ ପଶିଥିଲେ। ଚୋରମାନେ ତାଙ୍କ ପୋଷା କୁକୁରକୁ ନିଶା ଦେଇ ସଂଜ୍ଞାହୀନ କରି ଦେଇଥିଲେ। ରବିବାର ସକାଳେ କୁକୁର ଚେତାଶୂନ୍ୟ ହୋଇ ପଡ଼ି ରହିଥିବା ସେମାନେ ଦେଖିବାକୁ ପାଇଥିଲେ। ଚୋରମାନେ ବାକ୍ସ ଟେକି ନେଇ ସେଥିରେ ଥିବା ସୁନା କାନଫୁଲ, ଚୁଡ଼, ପଟି, ହାର, ମୁଦି ଅଳଙ୍କାର ସହ ମହିଳା ମଣ୍ଡଳରେ ଡିପୋଜିଟ ଟଙ୍କା, ଏଲ୍ ଆଣ୍ଡ୍ ଟି ମଣ୍ଡଳରୁ ଆଣିଥିବା ୬୫ ହଜାର ଲୋନ୍ ଟଙ୍କା ଏମିତି ୩ ଲକ୍ଷରୁ ଅଧିକ ଟଙ୍କାର ଜିନିଷ ଚୋରି କରି ନେଇଛନ୍ତି। ଜିନିଷପତ୍ର ନେଇଯାଇ ବାକ୍ସ ବାହାରେ ଫିଙ୍ଗି ଦେଇଛନ୍ତି। ରଞ୍ଜିତ ଜଣେ ରାଜମିସ୍ତ୍ରି ଭାବେ କାମ କରିବା ସହ ଘର ପାଖରେ ଛୋଟ ଦୋକାନ କରି ଚଳୁଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

## ବିଜେଡିର କର୍ମୀ ସମ୍ମିଳନୀ



କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ସଞ୍ଜୟ ଦାସଙ୍କ ସହ ବିଜେଡି ନେତା।

ତିହିଡ଼ି,୧୨ା୫ (ସଞ୍ଜିତ ବଳ)

ଧାମନଗର ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ତିହିଡ଼ି ବ୍ଲକର ଗୁଆମାଳ ପଞ୍ଚାୟତରେ ରବିବାର ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ନେତା ପ୍ରମୋଦ କୁମାର ନାୟକଙ୍କ ପୌରୋହିତ୍ୟ ଏବଂ ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ମାନସ ପାଠୀଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ବିଜୟ ନାୟକ ଯୋଗଦେଇ ଗୁଆମାଳ ପଞ୍ଚାୟତର ବିକାଶରେ ବିରୋଧୀଙ୍କର ଆଦୌ ଅବଦାନ ନ ଥିବା କହିଥିଲେ। ବରେଣ୍ୟ ଅତିଥି ବିଧାୟକ ପ୍ରାର୍ଥୀ ଡା.ସଞ୍ଜୟ କୁମାର ଦାସ ଯୋଗଦେଇ ସେବାକୁ ଜୀବନର ବ୍ରତ ଭାବେ ନେଇଥିବାରୁ ସେ ସର୍ବଦା ସମସ୍ତଙ୍କ ସମସ୍ୟା ସହ ଯୋଡ଼ି ହୋଇ ରହିଥିବେ ବୋଲି କହିଛନ୍ତି। ମୁଖ୍ୟବକ୍ତା ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ଏବଂ ଅନ୍ୟତମ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଅବନ୍ତୀ ଦାସ, ଜିଲା ପରିଷଦ ସଭ୍ୟା ସୁଶ୍ରୀ ବିଦ୍ୟୁତଲତା ନାୟକ, ରୁଜାତା ପଣ୍ଡା, ଜିଲା ସାଧାରଣ ସମ୍ପାଦକ ପ୍ରଦୀପ ପଣ୍ଡା, ଧାମନଗର ଯୁବ ସଭାପତି ସୁଧନ୍ୱା ନାୟକ, ସାମାଜିକ କର୍ମୀ ସୁରେଶ ମହାନ୍ତି ପ୍ରମୁଖ ଏହି ପଞ୍ଚାୟତରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଯୁବନେତା ଦୀପ୍ତିକାନ୍ତ ଖୁଣ୍ଟିଆ, ଜଗତଜ୍ୟୋତି ପାଢ଼ୀ, ଘନଶ୍ୟାମ ବେହେରା, ଅଜୟ ପ୍ରଧାନ, ମୃତ୍ୟୁଞ୍ଜୟ ସାମଲ, ଗୌରାଙ୍ଗ ଜେନା, ମଧୁସୂଦନ ନାୟକ, ଶ୍ରୀଧର ରାୟ, ସ୍ୱର୍ଣ୍ଣଲତା ଜେନା, ଝିଲ୍ଲୀ ଜେନା, ମନୋରଞ୍ଜନ ସାମଲ, ଭକ୍ତହରି ଜେନା, ସନ୍ତୋଷ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଆଦର୍ଶ ମା’ ରୀନା

ଭଦ୍ରକ,୧୨ା୫(ସନାତନ ରାଉତ)

ମା’ ପାଇଁ ଦିନଟିଏ। ମେ ମାସର ଦ୍ୱିତୀୟ ରବିବାରକୁ ମାତୃ ଦିବସ ରୂପେ ପାଳନ କରାଯାଉଛି। ଆଦାନୀ ଫାଉଣ୍ଡେଶନ ପକ୍ଷରୁ ଏହି ଦିବସକୁ ସ୍ମରଣୀୟ ଦିବସ ଭାବେ ସ୍ୱୟଂସହାୟକ ଗୋଷ୍ଠୀ, ସ୍ଥାନୀୟ ମହିଳାମାନଙ୍କ ସହ ବିଦ୍ୟାଳୟ ସ୍ତରରେ ପାଳନ କରାଯାଇ ଆସୁଛି। ମା’ ମାନଙ୍କର ପରିବାର ଓ ସମାଜ ପ୍ରତି ଥିବା ଅବଦାନ ଯାହାକି ଏକ ସରସ ସୁନ୍ଦର ସମାଜ ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଫାଉଣ୍ଡେଶନ ପକ୍ଷରୁ ମାତୃତ୍ୱ ଦିବସ ଉପଲକ୍ଷେ ଆଦର୍ଶ ମା’ ଭାବେ ଚାନ୍ଦବାଲି ବ୍ଲକ କଇଥଖୋଲା ଗ୍ରାମର ରୀନା ଦାସଙ୍କୁ ସମ୍ମାନିତ କରାଯିବା ସହ ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ପାଇଁ ଶୁଭକାମନା ଜଣାଯାଇଛି।



ଜଣେ ଶିଶୁକୁ ସ୍ନେହ କରୁଛନ୍ତି ରୀନା।

୩ ସନ୍ତାନର ମା’ ରୀନାଙ୍କ ଜୀବନରେ ହଠାତ୍ ଝଡ଼ ଉଠିଥିଲା। ୨୦୧୮ରେ ସେ ତାଙ୍କ ସ୍ୱାମୀ ଏବଂ କୋଭିଡ୍‌ରେ ନିଜ ବାପାଙ୍କୁ ହରାଇଥିଲେ। ପରେ ସମାଜସେବାକୁ ନିଜର ବୃତ୍ତି ଭାବେ ଗ୍ରହଣ କରିଥିଲେ। କୁନି କୁନି ପିଲାଙ୍କ ଭବିଷ୍ୟତ ଗଢ଼ିବା ପାଇଁ ଆଦାନୀ ଫାଉଣ୍ଡେଶନ ଉତ୍‌ଥାନ ପ୍ରକଳ୍ପରେ ୨୦୧୯ରେ ଶରତ ପ୍ରାଥମିକ ବିଦ୍ୟାଳୟରେ ଏକ ସ୍ୱେଚ୍ଛାସେବୀ ଭାବେ ସେ ଯୋଗ ଦେଇଥିଲେ। ଏହି ପ୍ରକଳ୍ପ ଦ୍ୱାରା ରୀନା ପିଲାମାନଙ୍କ ପ୍ରାଥମିକ ଶିକ୍ଷାର ଉନ୍ନତି ଦିଗରେ ବିଦ୍ୟାଳୟର ଶିକ୍ଷକଙ୍କ ସହ ମିଶି କାମ କରିଥିଲେ। ଏଥିସହ ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ କରି ପିଲାମାନଙ୍କର ଆଦରଣୀୟ ହୋଇପାରିଛନ୍ତି। ତାଙ୍କର ଏହି ସେବା ମନୋବୃତ୍ତି ପାଇଁ ସ୍ଥାନୀୟ ଅଭିଭାବକ, ଶିକ୍ଷା ବିଭାଗ ଓ ବିଦ୍ୟାଳୟ ପରିଚାଳନା କମିଟି ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ସ୍ଥାନୀୟ ଅଭିଭାବକମାନେ ସେମାନଙ୍କ ପିଲାଙ୍କୁ ଆଦର୍ଶ ମଣିଷ କରିବାରେ ରୀନାଙ୍କୁ ନିଜ ଘରର ସଦସ୍ୟ ଭାବେ ଗ୍ରହଣ କରିଛନ୍ତି। ରୀନା କହନ୍ତି, ଉତ୍‌ଥାନ ପ୍ରକଳ୍ପରେ ତାଙ୍କର ଯୋଗଦାନ ତାଙ୍କ ଜୀବନ ଏବଂ ପିଲାମାନଙ୍କ ଭବିଷ୍ୟତ ପାଇଁ ଏକ ବହୁତ ବଡ଼ ସଫଳତା। ୨୦୧୮ରେ ସ୍ୱାମୀଙ୍କୁ ହରାଇବା ପରେ ଏକ ପ୍ରକାର ନିରାଶ୍ରୟ ହୋଇପଡ଼ିଥିଲେ। ୩ ଛୁଆଙ୍କୁ ଧରି ସେ ବାପା ଓ ଭାଇଙ୍କ ଉପରେ ନିର୍ଭରଶୀଳ ହୋଇପଡ଼ିଥିଲେ। ବାପାଙ୍କ ଦେହାନ୍ତ ପରେ ଫାଉଣ୍ଡେଶନର କର୍ମକର୍ତ୍ତାଙ୍କ ଉତ୍ସାହ ଓ ପ୍ରେରଣା ଯୋଗୁ ସେ ଆଜି ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି। ପ୍ରକାଶଥାଉ କି, ଏହି ପ୍ରକଳ୍ପ ମାଧ୍ୟମରେ ୩ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କ ଶିକ୍ଷାର ଧାରାକୁ ଉନ୍ନତ ଏବଂ ଶତାଧିକ ସରକାରୀ ବିଦ୍ୟାଳୟରେ ଶିକ୍ଷାର ପରିବେଶକୁ ସୁଦୃଢ଼ କରିବା ଦିଗରେ କାର୍ଯ୍ୟ କରାଯାଉଛି।

## ମଞ୍ଜୁରୀରୋଡ୍ ସାହିତ୍ୟ ସଂସଦର ବାର୍ଷିକୋତ୍ସବ




ମଞ୍ଜୁରୀରୋଡ୍ ସାହିତ୍ୟ ସଂସଦର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

ଭଣ୍ଡାରିପୋଖରୀ,୧୨ା୫(ରାଜେନ୍ଦ୍ର ଶତପଥୀ)

ମଞ୍ଜୁରୀରୋଡ୍ ସାହିତ୍ୟ ସଂସଦର ବାର୍ଷିକୋତ୍ସବ ରବିବାର ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି କିଶୋର ଚନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଡ. ଶୁଭେନ୍ଦ୍ର କୁମାର ମିଶ୍ର ଯୋଗଦେଇ ସାହିତ୍ୟର ବିଭିନ୍ନ ଦିଗ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସାହିତ୍ୟ ସମାଜ ପରିବର୍ତ୍ତନରେ କିପରି ସାହାଯ୍ୟ କରେ କହିଥିଲେ। ସମ୍ମାନିତ ଅତିଥି ଗଣେଶ ପ୍ରସାଦ କରଶର୍ମା ରୀତି ଯୁଗୀୟ ସାହିତ୍ୟ ଓ ବର୍ତ୍ତମାନର ସାହିତ୍ୟର ଏକ ତୁଳନାତ୍ମକ ଆଲୋଚନା କରିଥିଲେ। କାହ୍ନୁ ଚରଣ ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ଉତ୍ସବରେ ବିଶିଷ୍ଟ ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷାବିତ୍ ଡ. ବ୍ରଜମୋହନ ମିଶ୍ରଙ୍କୁ ପୁରୁଷୋତ୍ତମ ସେଠୀ ସ୍ମୃତି ସମ୍ମାନ, ନାଟ୍ୟକାର ଡ. ସୁଧାଂଶୁ ନାୟକଙ୍କୁ ଗୋପୀନାଥ ରାଉତ ସ୍ମୃତି ସମ୍ମାନ, ସାହିତ୍ୟିକ ନନ୍ଦକିଶୋର ସିଂଙ୍କୁ ନରେନ୍ଦ୍ର ସେନାପତି ସ୍ମୃତି ସମ୍ମାନ ଏବଂ ନାଟ୍ୟକାର ନିର୍ମଳ ଚନ୍ଦ୍ର ରାଉତଙ୍କୁ ରାଧାଶ୍ୟାମ ସାହୁ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଂସଦର ଅନ୍ୟତମ ସଦସ୍ୟ ସୁରେନ୍ଦ୍ର ନାଥ ଜେନା ମାନପତ୍ର ପାଠ କରିଥିଲେ। ଅତିଥିମାନଙ୍କ ଦ୍ୱାରା ସଂସଦର ମୁଖପତ୍ର ‘ସୃଜନ ମଞ୍ଜରୀ’ ଉନ୍ମୋଚିତ ହୋଇଛି। ଏଥିସହ କବି ମାନସ ରଞ୍ଜନ ନାୟକଙ୍କ କବିତା ପୁସ୍ତକ ‘ଆଦ୍ୟ ସ୍ୱର’, କବି ଇନ୍ଦ୍ରମଣି ସେଠୀଙ୍କ ‘ମାଆ ମାମୁ ଓ ମଇତ୍ର’ ଏବଂ ନାଟ୍ୟକାର ପଦ୍ମଲୋଚନ ଦାସଙ୍କ ନାଟକ ପୁସ୍ତକ ‘ଭସା ବାଦଲର ସ୍ୱର’ ଲୋକାର୍ପଣ କରାଯାଇଛି। ଅନୁଷ୍ଠାନର ସଂଯୋଜକ ନାରାୟଣ ଚନ୍ଦ୍ର ବୋଇତାଇ ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିବା ବଳେ ଉପଦେଷ୍ଟା ଡ. ଶଶଧର ସାହୁ ଅତିଥି ପରିଚୟ ଓ ଉପସଭାପତି ଶକ୍ତିଧର ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ସମ୍ପାଦକ ହରିଶ୍ଚନ୍ଦ୍ର ଜେନା ବାର୍ଷିକ ବିବରଣୀ ପାଠ ଓ ରାଜେଶ କୁମାର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ସାମାଜିକ କର୍ମୀ ଧନେଶ୍ୱର ପଣ୍ଡା, ନାଟ୍ୟକାର ମନୋଜ କୁମାର ରାଉତରାୟ, ସୁରଞ୍ଜନ ପଣ୍ଡା, ମଧୁସୂଦନ ଜେନା, ନାରାୟଣ ଚନ୍ଦ୍ର ମହାନ୍ତି, ବିନୋଦ ବାରିକ, ଉଦୟନାଥ ରାଉତ, ରବୀନ୍ଦ୍ର ପାଲ ପ୍ରମୁଖ ଯୋଗ ଦେଇଥିଲେ।

## ଭାଜପାର ତ୍ରିଦେବ ସମ୍ମିଳନୀ

ଧାମନଗର,୧୨ା୫ (ଦେବେନ୍ଦ୍ର ଆନ୍ଦିଆ)

ସାଧାରଣ ନିର୍ବାଚନ ଯେତେ ପାଖେଇ ଆସୁଛି ବିଭିନ୍ନ ଦଳର ନେତା ଓ କର୍ମୀ ବିଭିନ୍ନ ସଭା ସମିତି କରି ଭୋଟରଙ୍କ ନିକଟତର ହେଉଛନ୍ତି। ଶନିବାର ସନ୍ଧ୍ୟାରେ ଦୋବଲ ଜୋନ୍ ଆନନ୍ଦପୁରଠାରେ ଭାଜପାର ବୁଥ୍ ପାଳକ, ସଭାପତି ଏବଂ ପ୍ରଭାରୀମାନଙ୍କୁ ନେଇ ତ୍ରିଦେବ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁକୁନ୍ଦଦେବ ମଣ୍ଡଳ ସଭାପତି ରମେଶ ଚନ୍ଦ୍ର ପତିଙ୍କ ସଭାପତିତ୍ୱ ଏବଂ ଜିଲା ସମ୍ପାଦକ ଅରବିନ୍ଦ ପତିଙ୍କ ସଞ୍ଚାଳନାରେ ଆୟୋଜିତ ଏହି ସମ୍ମିଳନୀରେ ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ସମ୍ପର୍କରେ କହିଥିଲେ। ଆଗାମୀ ନିର୍ବାଚନ ବୈତରଣୀ ପାର୍ ହେବା ନେଇ ବିଧାୟକ ଆଲୋଚନା କରିଥିଲେ। ରାଜ୍ୟ ଭାଜପା ମୋର୍ଚ୍ଚାର ସଂଯୋଜକ ଅଶୋକ କୁମାର ପୁହାଣ, ବ୍ଲକ ବୁଦ୍ଧିଜୀବୀ ସଂଯୋଜକ ହୃଦାନନ୍ଦ କର, ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ, ପ୍ରମୋଦ ସୂତାର, ବିଷ୍ଣୁ ମୋହନ ମିଶ୍ର, ଭାଜପା ନେତା ପ୍ରମୋଦ ଆନ୍ଦିଆ, କ୍ଷେତ୍ରବାସୀ ବାରିକ, ରଞ୍ଜିତ ମହାନ୍ତିଙ୍କ ସମେତ କର୍ମୀମାନେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଖଡ଼ିପଦା, ସୋହଡ଼ା ଓ ଆନନ୍ଦପୁର ପଞ୍ଚାୟତର ଅନ୍ୟ ଦଳର କର୍ମୀମାନେ ଭାଜପାରେ ସାମିଲ ହୋଇଛନ୍ତି।

## ବିକାଶ କଥା କହି ଭୋଟରଙ୍କୁ ମନାଉଛନ୍ତି ପ୍ରାର୍ଥୀ



ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ନିର୍ବାଚନ ପ୍ରଚାର କରୁଛନ୍ତି।

ବାସୁଦେବପୁର,୧୨ା୫ (ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ବ୍ଲକର ଲକ୍ଷ୍ମୀଦାସପୁର ପଞ୍ଚାୟତରେ ରବିବାର ବିଜେଡି ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ ଗାଁ ଗାଁ ବୁଲି ନିର୍ବାଚନୀ ପ୍ରଚାର କରିଛନ୍ତି। ବିକାଶର କଥା କହି ସେ ଭୋଟରମାନଙ୍କୁ ମନାଉଥିବା ଲକ୍ଷ୍ୟ କରାଯାଇଛି। ବାସୁଦେବପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଲୁଣା ପ୍ରବଣ ଅଞ୍ଚଳର ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଖରସ୍ରୋତା ନଦୀରୁ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଖୁବ୍‌ଶୀଘ୍ର ହେବ। ଏହାଦ୍ୱାରା ୨୫ରୁ ଊର୍ଦ୍ଧ୍ୱ ପଞ୍ଚାୟତର ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ସେ କହିଥିଲେ। ଏହି ପ୍ରଚାରରେ ପୂର୍ବତନ ସରପଞ୍ଚ ବନମାଳୀ ବାରିକ, ବ୍ଲକ ବିଜେଡି ସଭାପତି ଦୀନବନ୍ଧୁ ଦାସ, ଯୁବନେତା ପପୁ ପୁହାଣ, ନିଶିକାନ୍ତ ସେନାପତିଙ୍କ ସମେତ ପଞ୍ଚାୟତସ୍ତରୀୟ ନେତୃମଣ୍ଡଳୀ ଉପସ୍ଥିତ ରହି ଭୋଟଭିକ୍ଷା କରିଥିଲେ। ଷଣ୍ଢଗଡ଼ା, ଖେଡୁଆଳପୁର, କ୍ଷେମପୁର, ମାଟିପକା ସମେତ ବିଭିନ୍ନ ଗାଁରେ ନିର୍ବାଚନ ପ୍ରଚାର କରାଯାଇଛି।

# ସୁଧାଂଶୁଙ୍କ ପାଇଁ ପ୍ରଚାର କରିବେ ବଦ୍ରି

ଭଦ୍ରକ,୧୨ା୫ (ସନାତନ ରାଉତ)

ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ଭାଜପାରୁ ବିଧାୟକ ପ୍ରାର୍ଥୀ ହୋଇଥିବା ଡ. ସୁଧାଂଶୁ ଶେଖର ନାୟକଙ୍କ ପାଇଁ ପୂର୍ବତନ ଜିଲା ସଭାପତି ତଥା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରି ନାରାୟଣ ଧଳ ପ୍ରଚାର କରିବେ। କିଛିଦିନ ତଳେ ବିଜେଡିରୁ ଆସିଥିବା ସୁଧାଂଶୁଙ୍କୁ ଦଳୀୟ ଟିକେଟ୍ ମିଳିବା ପରେ ଟିକେଟ ଆଶାୟୀ ଥିବା ବଦ୍ରି ଦଳୀୟ କାର୍ଯ୍ୟକ୍ରମକୁ ଆସୁ ନ ଥିବା, ଏପରିକି ସୁଧାଂଶୁଙ୍କ ନାମାଙ୍କନ ଦାଖଲରେ ସାମିଲ ନ ହେବା ନେଇ ବିଭିନ୍ନ ଆଲୋଚନା ହୋଇଥିଲା। ବଦ୍ରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ନା ପ୍ରାର୍ଥୀଙ୍କୁ ବିରୋଧ କରିବେ ଏନେଇ ରାଜନୈତିକ ମହଲରେ ବିଭିନ୍ନ ଚର୍ଚ୍ଚା ଚାଲିଥିଲା। ରବିବାର ସୁଧାଂଶୁ ଦଳୀୟ କର୍ମୀଙ୍କ ସହ ବଦ୍ରିଙ୍କ ଭଦ୍ରକସ୍ଥିତ ବାସଭବନରେ ଆଲୋଚନା ପରେ ସମସ୍ତ କଳ୍ପନା ଜଳ୍ପନାର ଅନ୍ତଃ ଘଟିଛି। ବଦ୍ରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାରକୁ ବାହାରିବେ ବୋଲି କହିଛନ୍ତି। ଏହାକୁ ନେଇ ଭାଜପା ଶିବିରରେ ଉତ୍ସାହ ଦେଖାଦେଇଛି।

ବଦ୍ରି ପୂର୍ବରୁ ଭାଜପା ପକ୍ଷରୁ ଦୁଇଥର ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ପାଖରେ ସାଙ୍ଗଠନିକ ଦକ୍ଷତା ରହିଛି। ଏହି ଆଲୋଚନାରେ ବିଧାୟକ ପ୍ରାର୍ଥୀ ସୁଧାଂଶୁଙ୍କ ସହ ବନ୍ତ ବ୍ଲକର ୩ ମଣ୍ଡଳ ସଭାପତି ନବକିଶୋର ବଳ, ଖଗେଶ୍ୱର ବେହେରା, ଶିବାନନ୍ଦ ଦାସ ଅଧିକାରୀ, ଭଣ୍ଡାରିପୋଖରୀ ବ୍ଲକର ୩ ମଣ୍ଡଳ ସଭାପତି ଗିରିଶ ସାମଲ, ଶ୍ରୀଧର ସ୍ୱାଇଁ, ପ୍ରଫୁଲ୍ଲ ସାହୁ, ଜିତେନ୍ଦ୍ର ନାୟକ, ଛୟାଳସିଂହ ସମିତିସଭ୍ୟ ସନ୍ତୋଷ ନାୟକ, କେନ୍ଦୁଆପଦା ସରପଞ୍ଚ ପ୍ରମୋଦ ଜେନା, ମାନସ ପୋଇ ପ୍ରମୁଖ ସାମିଲ ଥିଲେ।



ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଦ୍ରିନାରାୟଣ ଧଳଙ୍କ ବାସଭବନରେ ସମର୍ଥକଙ୍କ ସହ ବିଧାୟକ ପ୍ରାର୍ଥୀ ସୁଧାଂଶୁ ନାୟକ।

## ଚଣ୍ଡୀଗାଁରେ ବିଜେଡିର କର୍ମୀ ସମ୍ମିଳନୀ

ଭଦ୍ରକ,୧୨ା୫(ସନାତନ ରାଉତ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାବାସୀଙ୍କ ହୃଦୟରେ ଅଛନ୍ତି। ସ୍ୱଚ୍ଛ, ନିର୍ମଳ ଶାସନ ସହ ବିଭିନ୍ନ ଲୋକାଭିମୁଖୀ ଯୋଜନା ଦ୍ୱାରା ସେ ଓଡ଼ିଶାକୁ ଆଗକୁ ନେଇପାରିଛନ୍ତି ବୋଲି ଭଦ୍ରକ ବ୍ଲକର ଚଣ୍ଡୀଗାଁ ପଞ୍ଚାୟତରେ ଅନୁଷ୍ଠିତ ବିଜେଡି କର୍ମୀ ସମ୍ମିଳନୀରେ ବିଧାୟକ ପ୍ରାର୍ଥୀ ପ୍ରଫୁଲ୍ଲ ସାମଲ କହିଛନ୍ତି। ଭଦ୍ରକ ଲୋକ ସଭା ପ୍ରାର୍ଥିନୀ ମଞ୍ଜୁଲତା ମଣ୍ଡଳ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କ ସମେତ ଦଳୀୟ ନେତୃବୃନ୍ଦ ବିଜେଡିକୁ ଦୁଇଥର ଶଙ୍ଖ ଚିହ୍ନରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ନିବେଦନ କରିଥିଲେ। ଯୁବନେତା ପ୍ରିୟବ୍ରତ ନାୟକ, ପରେଶ ପରିଡ଼ା, ରଜତ ନାୟକ, ପ୍ରଭାତ ଜେନା, ଶେଷଦେବ ନାୟକ, ବ୍ରଜସୁନ୍ଦର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତର ବହୁ ମହିଳା ଓ ଦଳୀୟ କର୍ମୀ ଉପସ୍ଥିତ ଥିଲେ।

# ମୁକୁନ୍ଦପୁରକୁ ନମ୍ବର ୧ କରିବାକୁ ଲକ୍ଷ୍ୟ

**ଆଶୀର୍ବାଦ ସମାବେଶରେ ପ୍ରତିଶ୍ରୁତି**

ତିହିଡ଼ି,୧୨ା୫ (ସଞ୍ଜିତ ବଳ)

ଗାଁ ମାଟି ମୁକୁନ୍ଦପୁର ପ୍ରତି ମମତା ଓ ଭଲପାଇବା ଥିବାରୁ ଏହି ପଞ୍ଚାୟତକୁ ନମ୍ବର ୧ କରିବାକୁ ଲକ୍ଷ୍ୟ ରଖିଥିବା ବାସୁଦେବପୁର ବିଧାୟକ ପ୍ରାର୍ଥୀ ବିଷ୍ଣୁବ୍ରତ ରାଉତରାୟ କହିଛନ୍ତି। ତିହିଡ଼ି ବ୍ଲକ ଅଧୀନ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଅନୁଷ୍ଠିତ ଆଶୀର୍ବାଦ ସମାବେଶରେ ଯୋଗଦେଇ ବିଷ୍ଣୁବ୍ରତ ଭାବବିହ୍ୱଳ ହୋଇ ଏହା କହିବା ସହ ପଞ୍ଚାୟତବାସୀ ତାଙ୍କୁ ସ୍ନେହ ଓ ଶ୍ରଦ୍ଧା ଦେଇ ଆସିଥିବା କହିଥିଲେ। ବିଷ୍ଣୁବ୍ରତଙ୍କ ପତ୍ନୀ ଋତୁପର୍ଣ୍ଣା ରାଉତରାୟ କହିଥିଲେ, ତାଙ୍କ ଶ୍ୱଶୁର ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ବିଜୟଶ୍ରୀ ରାଉତରାୟଙ୍କ ସ୍ୱପ୍ନକୁ ସାକାର କରିବାକୁ ତାଙ୍କ ସ୍ୱାମୀ ପ୍ରତିଶ୍ରୁତିବଦ୍ଧ। ପଞ୍ଚାୟତବାସୀ ତାଙ୍କର ସାମର୍ଥ୍ୟ ହୋଇଥିବାରୁ ସେମାନଙ୍କ ସହଯୋଗ ନିହାତି ଆବଶ୍ୟକ।

ପୂର୍ବତନ ସରପଞ୍ଚ ବସନ୍ତ ପତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାବେଶରେ ବିଜେଡି ଜିଲା ଉପସଭାପତି ସୁରେନ୍ଦ୍ର କୁମାର ନାୟକ ବକ୍ତବ୍ୟ ରଖିଥିବା ବେଳେ ବିଷ୍ଣୁବ୍ରତଙ୍କ ମା’ ଜ୍ୟୋତି ରାଉତରାୟ ମଞ୍ଚାସୀନ ଥିଲେ। ବିଧାୟକଙ୍କ ପ୍ରତିନିଧି ବାପୁଜୀ ନାୟକ, ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, କୋହ୍ଲ ସରପଞ୍ଚ କୈଳାସ ପରିଡ଼ା, ପୂର୍ବତନ ସରପଞ୍ଚ କୀର୍ତ୍ତନ ରାଉତ, ବିଷ୍ଣୁ କୁଅଁର, ଜିଲା ସାଧାରଣ ସମ୍ପାଦକ କମଳାକାନ୍ତ ଲେଙ୍କା, ପଞ୍ଚାୟତ ସଭାପତି ଗଣେଶ ନାୟକ, ଅଜୟ ବେହେରା, ପଦ୍ମଲୋଚନ ପତି, ନିତ୍ୟାନନ୍ଦ ବେହେରା, ଶିକ୍ଷାବିତ୍ ସୁରେନ୍ଦ୍ର ନାୟକ, କୈଳାସ ରାଉଳ, ଲଳିତ ମୋହନ ନାୟକ, ହେମନ୍ତ ମହାନ୍ତି, ପ୍ରଦୀପ ଦାସ, ୱାର୍ଡସଭ୍ୟା ପ୍ରତିମା ପତି ପ୍ରମୁଖ ଉପସ୍ଥିତ ଥିଲେ।

## ସରିଲା ଶନିଦେବଙ୍କ ବାର୍ଷିକୋତ୍ସବ

ବନ୍ତ,୧୨ା୫ (ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକ ଅଧୀନ ଟିଲୋ ପଞ୍ଚାୟତର ଶାଳକଣିଆ ଶନିମନ୍ଦିର ପୀଠରେ ପ୍ରତିବର୍ଷ ପରି ବୈଶାଖ ମାସ ଶେଷ ଶନିବାର ଶନିଦେବଙ୍କ ୨୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ୨ ଦିନ ବ୍ୟାପୀ ଏହି ଉତ୍ସବର ପ୍ରାରମ୍ଭରେ କପାଳୀ ନଦୀରୁ ଶୋଭାଯାତ୍ରାରେ କଳସ ଅଣାଯାଇଥିଲା। ହରେକୃଷ୍ଣ କର, ମାଳତୀ କର, ସନ୍ଦୀପ କର, ସୌରଭ କର, ସଙ୍ଗୀତା କର ଓ ସୌଭାଗ୍ୟ କର କଳସ ଆଣିବା ପରେ ଘଟ ସ୍ଥାପନା ପୂର୍ବକ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ହରେକୃଷ୍ଣ ଓ ମାଳତୀ ଦାୟିତ୍ୱ ତୁଲାଇଥିଲେ। ପୂଜକ ବିଜୟ କୁମାର ପଣ୍ଡା, ଉଦୟ କର ଓ ସତ୍ୟନାରାୟଣ କର ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ଦୁଇଦିନ ଧରି ସ୍ଥାନୀୟ ଅଞ୍ଚଳ ଉତ୍ସବମୁଖର ହୋଇଥିଲା। ଉତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା।

**ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୫ ଗୁରୁତର**

କାଳିପଦା(ରାଜଶ୍ରୀ ପାଣିଗ୍ରାହୀ)/ ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ): ବାଲିଆପାଳ- ବସ୍ତା ମୁଖ୍ୟ ରାସ୍ତା ଖପରାପଦା ଛକ ନିକଟରେ ଏକ ଧାନ ବୋଝେଇ ପିକଅପ୍ ଭ୍ୟାନ୍ ଧକ୍କାରେ ୫ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ବାଲେଶ୍ୱର ଅଭିମୁଖେ ଯାଉଥିବା ସମୟରେ ଭ୍ୟାନଟି ଭାରସାମ୍ୟ ହରାଇ ୩ଟି ମୋଟର ସାଇକେଲକୁ ଧକ୍କା ଦେଇଥିଲା। ଗୁରୁତର ଡଗରା ଗ୍ରାମର ରମେଶ ମାଝୀ, ସୀତା ମାଝୀ ଓ ଦେଭୋଗ ପଞ୍ଚାୟତ ନୂଆଗାଁ ଗ୍ରାମର ଦେବ ଦାସଙ୍କୁ ଚିକିତ୍ସା ପାଇଁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ବାଲିଆପାଳ ପୋଲିସ ତଦନ୍ତ ଜାରି ରଖିଛି।

## ବାଲେଶ୍ୱର

### ସଂକ୍ଷେପରେ

### ସ୍ୱାଧୀନ ପ୍ରାର୍ଥୀ ହେବେ କାଶୀନାଥ

ବାହାନଗା,୧୨।୫(ଅରୂପ୍ କୁମାର ଦାସ)– ସୋର ନିର୍ବାଚନ ମଣ୍ଡଳୀରୁ ସ୍ୱାଧୀନ ବିଧାୟକ ପ୍ରାର୍ଥୀ ଭାବେ ସୋମବାର ନାମାଙ୍କନ ଦାଖଲ କରିବେ ପିଣ୍ଡାପାଳର କାଶୀନାଥ ଦାସ। ଏନେଇ ସେ ରବିବାର ବାହାନଗାଠାରେ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। କାଶୀନାଥ ହେଉଛନ୍ତି ରଗବି ଓ କିକ୍ ବକ୍ସିଂରେ ଜାତୀୟସ୍ତରୀୟ ସ୍ୱର୍ଣ୍ଣପଦକ ବିଜେତା। ବାଲେଶ୍ୱର ଜିଲା ରଗ୍‌ବି ଫୁଟ୍‌ବଲ ଆସୋସିଏଶନର ସମ୍ପାଦକ ଓ କୋଚ ଦାୟିତ୍ୱରେ ମଧ୍ୟ ଅଛନ୍ତି। ସେ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ଦଳରୁ ବାହାନଗା ବ୍ଲକ ୧୮ନଂ. ଜୋନରୁ ଜିଲା ପରିଷଦ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପରାଜିତ ହୋଇଥିଲେ। ତେବେ କଂଗ୍ରେସ ଟିକେଟରୁ ବଞ୍ଚିତ ହୋଇ ସେ ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିବେ ବୋଲି ଘୋଷଣା କରିଛନ୍ତି।

### ବାଇକ୍ ଧକ୍କାରେ ଜଣେ ମୃତ, ୨ ଗୁରୁତର

ଭୋଗରାଇ,୧୨।୫(ପ୍ରଦୀପ ଦାସ): ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଚୌକି ସମ୍ମୁଖ ଜଳସୋହରିଆ ବହିଦୋକାନ ନିକଟରେ ରବିବାର ମଧ୍ୟାହ୍ନରେ ଦୁଇ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଗୁରୁତର ହୋଇଛନ୍ତି। ଘଟିଛି। ମୃତ ଓ ଆହତଙ୍କ ଘର ପଶ୍ଚିମବଙ୍ଗ ଦୀଘା ରତନପୁର ଗ୍ରାମରେ ବୋଲି କୁହାଯାଉଥିବା ବେଳେ ସେମାନଙ୍କ ପ୍ରକୃତ ପରିଚୟ ମିଳିପାରିନାହିଁ।

### ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ଖଇରା,୧୨।୫(ଉତ୍କଳବନ୍ଧୁ ପଣ୍ଡା)– ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଖଇରା ହାଇସ୍କୁଲର ଅବସରପ୍ରାପ୍ତ ହିନ୍ଦି ଶିକ୍ଷକ ଭୋଳାନାଥ ମହାନ୍ତି(୯୦)ଙ୍କ ରବିବାର ପରଲୋକ ଘଟିଛି। ସେ କିଛି ଦିନଧରି ଅସୁସ୍ଥ ଥିଲେ । ମୃତ୍ୟୁ ଖବର ପାଇ ଅଗଣିତ ଛାତ୍ରୀଛାତ୍ର, ଶିକ୍ଷକ ସଂଘର କର୍ମକର୍ତ୍ତା ତାଙ୍କ ଶେଷ ଦର୍ଶନ କରିଥିଲେ।

# ‘ସାଧନା କଲେ ଲକ୍ଷ୍ୟ ସଫଳ ହୁଏ’

ଭୋଗରାଇ,୧୨।୫(ପ୍ରଦୀପ ଦାସ)

ଛାତ୍ରୀଛାତ୍ରମାନେ ସାଧନା ପାଇଁ ଇଚ୍ଛାଶକ୍ତି ଦୃଢ଼ ରଖି ଆଗକୁ ବଢ଼ିଲେ ଲକ୍ଷ୍ୟ ସଫଳ ହୁଏ ବୋଲି ଶନିବାର ବାଲେଶ୍ୱର ଜିଲାର ଭୋଗରାଇ ବ୍ଲକ ଅନ୍ତର୍ଗତ କୀର୍ତ୍ତନିଆଠାରେ ତଫସିଲ ଯୁବକ ସଂଘ ଓ ଲିଟିଲ ଷ୍ଟାର ଆଦର୍ଶ ବିଦ୍ୟାଳୟ କେନ୍ଦ୍ରୀୟ ସଙ୍ଗୀତ କଳା ଏକାଡେମୀର ବାର୍ଷିକ ଉତ୍ସବରେ ଅତିଥିମାନେ ମତପ୍ରକାଶ କରିଛନ୍ତି। ସଂଗଠନର ସମ୍ପାଦକ ରାଧାମୋହନ ବର୍ମନ ଲକ୍ଷ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ମତ ପ୍ରକାଶ କରିଥିଲେ। ଏହି ପରିପ୍ରେକ୍ଷୀରେ ନାଚ, ଗୀତ ଓ ଅଭିନୟର ବୃତ୍ତିଗତ ପ୍ରଶିକ୍ଷଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି ସାଂସ୍କୃତିକ ମଞ୍ଚରେ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସଙ୍ଗୀତ ଓ ନୃତ୍ୟ ପ୍ରଦର୍ଶନ ପରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଖବରଦାତା ସୁବାସ ଦାସ, ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ହରିନାରାୟଣ ମହାନ୍ତି, ଶଙ୍କର ବେହେରା, ଖବରଦାତା ଅନନ୍ତ ପ୍ରଧାନ, ରାଧାକାନ୍ତ ପ୍ରଧାନ, ଜଗନ୍ନାଥ ଗିରି, ସୁରେଶ କୁମାର ମହାନ୍ତି, ସପନ ଜେନା, ଖଗେନ୍ଦ୍ର ଜେନା, ଦୀପକ ଦେହୁରି, ନନ୍ଦ ଗୋପାଳ ମାଝୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସଙ୍ଗୀତ, କଳା ଏକାଡ଼େମୀର ଦୁଇଜଣ କଳାଶିକ୍ଷକ ଦୀପକ କୁମାର ଜେନା ଓ ସପନ କୁମାର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ବିଜେଡି କର୍ମୀ ସମ୍ମିଳନୀ

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା(ରାଜଶ୍ରୀ ପାଣିଗ୍ରାହୀ),୧୨।୫

ବସ୍ତା ନିର୍ବାଚନ ମଣ୍ଡଳୀର ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡ଼ାଶ ପଞ୍ଚାୟତରେ ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବାଲେଶ୍ୱରର ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ମଜଭୁତ କରି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସୁଶାସନର ବାର୍ତ୍ତାକୁ ଅଧିକରୁ ଅଧିକ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସମସ୍ତ କର୍ମୀଙ୍କୁ ଅବଗତ କରାଇଥିଲେ। ଏଥିସହ ବିଜୁ ଜନତା ଦଳର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଏବଂ ଏମ୍‌ପି ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାରଙ୍କୁ ଦୁଇଥର ଶଙ୍ଖ ଚିହ୍ନରେ ବଟନ୍ ଦବାଇ ଜୟଯୁକ୍ତ କରିବାକୁ ନିବେଦନ କରିଥଲେ। ସମ୍ମିଳନୀରେ ବିଧାୟିକା ପ୍ରାର୍ଥିନୀ ଜେନା ଯୋଗଦେଇ ଭୋଟ୍ ଭିକ୍ଷା କରିଥିଲେ। ପୂର୍ବତନ ବାଲିଆପାଳ ବ୍ଲକ ଅଧ୍ୟକ୍ଷ ଶଶଧର ପ୍ରଧାନ, ପ୍ରତାପପୁର ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ଅଜୟ ପାତ୍ର, ଜିଲା ଯୁଗ୍ମ ସମ୍ପାଦକ ତଥା ପ୍ରତାପପୁର ସମିତି ସଦସ୍ୟାଙ୍କ ପ୍ରତିନିଧି ହାଡ଼ିବନ୍ଧୁ ରାଉତ, ଜିଲା ଛାତ୍ର ସଭାପତି ସୀମନ ଦାସ ମହାପାତ୍ରଙ୍କ ସହିତ ଶତାଧିକ ମହିଳା ଓ ପୁରୁଷ କର୍ମୀ ଉପସ୍ଥିତ ଥିଲେ।।

# ସରିଲା ସମର କ୍ୟାମ୍ପ୍



ଉଦ୍‌ଯାପନୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲେଶ୍ୱର,୧୨।୫(ମାନସ ବିଶ୍ୱାଳ)

ବାଲେଶ୍ୱର ଚାରୁ ଓ କାରୁ କଳା ମହାବିଦ୍ୟାଳୟ, ବାଲେଶ୍ୱର ଇନଟାକ୍ ଚାପ୍ଟର ଓ ଫକୀରମୋହନ ଆର୍ଟିଷ୍ଟିକ କ୍ରାଫ୍ଟ ସ୍କୁଲର ମିଳିତ ଉଦ୍ୟମରେ କଳାକ୍ଷେତ୍ରରେ ଆୟୋଜିତ ସମର କ୍ୟାମ୍ପ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବରେ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କର ଚିତ୍ରକଳାଗୁଡ଼ିକୁ ଦେଖି ପ୍ରଶଂସା କରି ଅଭିଭାବକମାନଙ୍କର କଳା ପ୍ରତି ଆଗ୍ରହକୁ ପ୍ରଶଂସା କରିଥିଲେ। ଅତିଥି ଭାବରେ ଇନଟାକ୍ ଚାପ୍ଟରର ମୁଖ୍ୟ ଉଦୟ ରଞ୍ଜନ ଦାସ ଆସନ୍ତାବର୍ଷ ପ୍ରତି ବିଭାଗରେ ଯୋଗ ଦେଉଥିବା ଛାତ୍ରୀଛାତ୍ରମାନଙ୍କୁ ଇନଟାକ୍ ତରଫରୁ ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ। ଇନଟାକ୍‌ର ସଦସ୍ୟ ଡ. ପଙ୍କଜ କୁମାର ଜେନା, ସଦସ୍ୟ ସତ୍ୟ ନାରାୟଣ ନନ୍ଦ, ସୌରଭ କୁମାର ବେହେରା, ଡ. ଦେବାଶିଷ ମିଶ୍ର, ବରିଷ୍ଠ ଖବରଦାତା ମଧୁସୂଦନ ଦାସ ଯୋଗଦେଇ ଚଳିତବର୍ଷର ଛାତ୍ରୀଛାତ୍ରମାନଙ୍କର କଳା ଅତ୍ୟନ୍ତ ସୁନ୍ଦର ଓ ଆକର୍ଷଣୀୟ ବୋଲି ମତ ଦେଇଥିଲେ। ସମସ୍ତ ଛାତ୍ରୀଛାତ୍ରମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟକ୍ଷ ନିକୁଞ୍ଜ ବିହାରୀ ଦାସ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାଦାନ ଦେଉଥିବା ଅଧ୍ୟାପିକାଅଧ୍ୟାପକମାନଙ୍କୁ ପ୍ରମାଣ ପତ୍ର ପ୍ରଦାନ କରିଥିଲେ।

### ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ

ଖଇରା,୧୨।୫(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳର ଲୋକପ୍ରିୟ କଂଗ୍ରେସ ନେତା ରାଜେନ୍ଦ୍ର ଜେନାଙ୍କର ୨ୟ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଲୋକାର୍ପଣ କାର୍ଯ୍ୟକ୍ରମ ଗରସଙ୍ଗ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଓ ଭଦ୍ରକ ଏମ୍‌ପି ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହ ସ୍ୱର୍ଗତ ଜେନାଙ୍କର ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ। ବ୍ଲକ କଂଗ୍ରେସ ସଭାପତି ଶରତ କୁମାର ଦାସ ସ୍ମୃତିସଭାରେ ଅଧ୍ୟକ୍ଷତା କରିଥିଲେ। ବରଦା ସରପଞ୍ଚ ପରିକ୍ଷୀତ ମହାପାତ୍ର,ଅଜୟ ସାମଲ, ନାରାୟଣ ଜେନା, ଭାଗିରଥି ମହାପାତ୍ର, ଶିବ ପ୍ରସାଦ ବଳ, ମାୟାଧର ମହାପାତ୍ର, ପ୍ରଶାନ୍ତ ଦାସ, ସୁଶାନ୍ତ ଉପାଧ୍ୟାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ଜେନା ୬ନଂ. ଜୋନରୁ ଥରେ ଜିଲା ପରିଷଦ ସଦସ୍ୟ, ଗରସଙ୍ଗ ପଞ୍ଚାୟତରୁ ୨ଥର ସରପଞ୍ଚ, ଥରେ ସମିତି ସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ।

# ପ୍ରାର୍ଥନା ସଭାରେ ବିଧାୟକ ପ୍ରାର୍ଥୀ

ନୀଳଗିରି,୧୨।୫(ପ୍ରଶାନ୍ତ ବିଶ୍ୱାଳ)

ନୀଳଗିରି ଏନ୍‌ଏସି ୧୧ନଂ. ୱାର୍ଡ ଷ୍ଟେଶନସାହିସ୍ଥିତ ନିୟୁ ଲିଭିଙ୍ଗ ଚର୍ଚ୍ଚର ଆଚାର୍ଯ୍ୟ ସାଧୁସୁନ୍ଦର ସିଂଙ୍କ ନିମନ୍ତ୍ରଣ ପାଇ ଖ୍ରୀଷ୍ଟଧର୍ମାବଲମ୍ବୀମାନଙ୍କ ପ୍ରାର୍ଥନା ସଭାରେ ବିଜେଡି ବିଧାୟକ ପ୍ରାର୍ଥୀ ଇଂ. ସୁକାନ୍ତ ନାୟକ ଯୋଗ ଦେଇଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ ବର୍ଷର ଶାସନକାଳରେ ବିଭିନ୍ନ ଧର୍ମାନୁଷ୍ଠାନମାନଙ୍କୁ ସରକାରୀ ଅନୁଦାନ ଦିଆଯାଉଥିବା ବେଳେ ଉକ୍ତ ଅନୁଷ୍ଠାନର ଉନ୍ନତି ପାଇଁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପାଣ୍ଠିରୁ ୪ ଲକ୍ଷ ଟଙ୍କା ଅନୁଦାନ ଆଣିଥିବା କହିଥିଲେ। ଉକ୍ତ ପ୍ରାର୍ଥନା ସଭାରେ ବାଲେଶ୍ୱର ଜିଲା ବିଜେଡ଼ି ଯୁଗ୍ମ ସମ୍ପାଦକ ତଥା ନୀଳଗିରି ବିଜେଡି ମିଡିଆ ସେଲ୍ କୋ ଅର୍ଡିନେଟର ସାହେବ୍ ମର୍ଦ୍ଦରାଜ, ୧୧ନଂ. ୱାର୍ଡ କାଉନସିଲର ବିଦ୍ୟାଧର ଖଟୁଆ, ବରିଷ୍ଠ ଖବରଦାତା ରାମଚନ୍ଦ୍ର ମହଲ, ଧୀରେନ୍ଦ୍ର ନାୟକ, ଜଗବନ୍ଧୁ ମୁନି ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗନେଲେ ୫୪ ଖେଳାଳି: ଜିଲା ଚେସ୍ ପ୍ରତିଯୋଗିତା

ବାଲେଶ୍ୱର,୧୨।୫(ମାନସ ବିଶ୍ୱାଳ)

ବାଲେଶ୍ୱର ସହର ଆଇଟିଆଇ ଛକସ୍ଥିତ ଓଡ଼େଶା ଭବନରେ ଜିଲା ଚେସ୍ ଆସୋସିଏଶନ୍ ଏବଂ ରୋଟାରୀ କ୍ଲବ ଶାଶ୍ୱତର ମିଳିତ ଉଦ୍ୟମରେ ଜିଲା ଚେସ୍ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ପ୍ରତିଯୋଗିତାରେ ବାଲେଶ୍ୱରର ବିଭିନ୍ନ ପ୍ରାନ୍ତରୁ ୧୭ଜଣ ମାନ୍ୟତାପ୍ରାପ୍ତ ଖେଳାଳିଙ୍କ ସମେତ ମୋଟ୍ ୫୪ଜଣ ଖେଳାଳି ଭାଗ ନେଇଛନ୍ତି। ଅନ୍ତର୍ଜାତୀୟ (୧୬୦୦ ରେଟିଂ) ପ୍ରତିଯୋଗିତାରେ ଉପ-ବିଜେତା ହୋଇଥିବା ଅଶୋକ କୁମାର ତାଙ୍କୁ ଶ୍ରେଷ୍ଠ ମାନ୍ୟତା ପ୍ରାପ୍ତ ଖେଳାଳି ଅଟନ୍ତି। ରୋଟାରୀ କ୍ଲବ ଶାଶ୍ୱତର ପୂର୍ବତନ ସଭାପତି ସୁଗତ ବୋଷ ଏବଂ ସଞ୍ଜୟ ମହାନ୍ତି ଆନୁଷ୍ଠାନିକ ଭାବେ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଜିଲା ଚେସ୍ ଆସୋସିଏଶନ୍‌ର ସଭାପତି ତଥା ରାଜ୍ୟ ଦଳର ଖେଳାଳି ଦେବାଶୀଷ ଚକ୍ରବର୍ତ୍ତୀ, ସମ୍ପାଦକ ମନୋରଞ୍ଜନ ପଣ୍ଡା, ଓଡ଼ିଶା ଚେସ୍ ସଂଘର ଏକ୍‌ଜିକ୍ୟୁଟିଭ୍ ସଦସ୍ୟ ସନ୍ଦୀପ ସାମନ୍ତରାୟ ମଞ୍ଚାସୀନ ଥିଲେ। ପ୍ରତିଯୋଗିତାକୁ ଆରବିଟ୍‌ର ଐଶ୍ୱର୍ଯ୍ୟ କୁମାର ସେନାପତି ପରିଚାଳନା କରିଥିଲେ।

## ମୟୂରଭଞ୍ଜ

# ଦଳ ବଦଳକାରୀଙ୍କଠାରୁ ଦୂରଉଛନ୍ତି ମତଦାତା

ବାରିପଦା,୧୨।୫(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ହେବାକୁ ଥିବା ସାଧାରଣ ନିର୍ବାଚନ ତାତି ଜୋର ଧରିଲାଣି। ବିଭିନ୍ନ ଦଳର ପ୍ରାର୍ଥୀମାନେ ନାମାଙ୍କନ ପତ୍ର ଦାଖଲ ପରେ ପ୍ରଚାର ଜୋରଦାର କରିଛନ୍ତି। ଭାଜପା, ବିଜେଡି ଓ କଂଗ୍ରେସ ଦଳରୁ ଟିକେଟ ନ ପାଇ ନିରାଶ ନେତାମାନେ ସ୍ୱାଧୀନ ଭାବେ ପ୍ରାର୍ଥିପତ୍ର ଦାଖଲ କରିବାରେ ଲାଗିଛନ୍ତି। କେତେଜଣ ନେତା ନିଜ ସମର୍ଥକଙ୍କ ସହ ଦଳ ଅଦଳବଦଳ କରିବାରେ ମଧ୍ୟ ଲାଗିଛନ୍ତି। ଏପରି ସ୍ଥିତିକୁ ନେଇ ଦଳର କର୍ମକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହେଉଛି। ଦଳବଦଳକାରୀମାନେ ନୂଆ ଦଳରେ ମିଶିବା ପରେ ଏହା ପ୍ରାର୍ଥୀଙ୍କ ବିଜୟରେ ସହାୟକ ହେବେ ନା ବୀଭିଷଣଙ୍କ ଭଳି କୁଟନୀତି ପ୍ରୟୋଗ କରି ପରାଜୟର କାରଣ ସାଜିବେ ତାହାକୁ ନେଇ ଆଶଙ୍କା ଉପୁଜିବାରେ ଲାଗିଛି । ବିଜେଡି ଓ ଭାଜପାରୁ ଦଳ ପରିତ୍ୟାଗ କରି ଆସୁଥିବା ନେତା ଏବଂ କର୍ମୀମାନେ ମଧ୍ୟ ନୂଆ ରଣନୀତି ଓ କୁଟନୀତି ଆପଣାଇବାକୁ ଯୋଜନା କରିଛନ୍ତି। ଦୀର୍ଘ ବର୍ଷ ଧରି ଦଳରେ ରହି କାର୍ଯ୍ୟ କରୁଥିବା କେତେଜଣ କର୍ମୀମାନଙ୍କୁ ଦଳ ପରିତ୍ୟାଗ କରି ନୂଆ ଦଳରେ ମିଶିବାକୁ କୁହାଯାଉଛି। ଫଳରେ ନୂଆ ଦଳରେ ମିଶିବା ପରେ ସେଠାକାର ରଣନୀତି ସମ୍ପର୍କରେ ଗୁପ୍ତ ତଥ୍ୟ ପ୍ରଦାନ କରୁଥିବା ନେଇ କେତେଜଣ ବରିଷ୍ଠ ନେତୃ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଭୋଟରମାନେ କେଉଁ ଦଳ ପ୍ରତି ଆକୃଷ୍ଟ ହେଉଛନ୍ତି ଓ କେଉଁ ପ୍ରକାର ଲୋଭର ଶିକାର ହେଉଛନ୍ତି ତାହା ଜାଣିବା ପାଇଁ ଏଭଳି ଦଳ ଅଦଳବଦଳ କାର୍ଯ୍ୟ ମାଧ୍ୟମରେ ସଫଳ ହୋଇପାରୁଛି। ସେହିପରି ଭୋଟରଙ୍କ ନିକଟତର ହେବା ପାଇଁ କେଉଁ ପ୍ରକାର ରଣନୀତିର ଆବଶ୍ୟକତା ରହିଛି ତାହାକୁ ମଧ୍ୟ ବିଚାର ବିମର୍ଷ କରାଯାଇ ଦଳବଦଳକାରୀଙ୍କୁ କାର୍ଯ୍ୟରେ ଲଗାଯାଉଛି। ତେବେ ଏପରି କୁଟନୀତି ଜରିଆରେ ନେତାମାନେ ବୈତରଣୀ ପାର ହେବାକୁ ଯୋଜନା କରୁଥିବାରୁ ଭୋଟରମାନେ କର୍ମୀଙ୍କ କଥାକୁ ଗୁରୁତ୍ୱ ଦେଉନାହାନ୍ତି। କେତେକ ସ୍ଥାନରେ ଭୋଟରଙ୍କୁ ଆକୃଷ୍ଟ କରିବାର ଯୋଜନା ସଫଳ ହେଉ ନ ଥିବା ଦେଖିବାକୁ ମିଳିଛି। ଫଳରେ କର୍ମୀଙ୍କଠାରୁ ମତଦାତାମାନେ ଦୂରେଇ ରହିବାକୁ ପସନ୍ଦ କରୁଥିବା ନେଇ ରାଜନୈତିକ ବିଶାରଦମାନେ ମତବ୍ୟକ୍ତ କରୁଛନ୍ତି । ଉଲ୍ଲେଖଯୋଗ୍ୟ, ଜିଲାର ଗୋଟିଏ ଲୋକସଭା ଓ ୮ ବିଧାନସଭା ଆସନ ନିମନ୍ତେ ଜୁନ ୧ରେ ମତଦାନ ଅନୁଷ୍ଠିତ ହେବ। ଅବଶିଷ୍ଟ କରଞ୍ଜିଆ ଆସନରେ ମଇ ୨୫ ତାରିଖରେ ଭୋଟ ହେବାକୁ ଥିବା ବେଳେ ଦଳୀୟ ପ୍ରଚାର ଜୋର ଧରିଛି। ବିଶେଷ ଭାବେ ଭାଜପା ଓ ବିଜେଡି ମଧ୍ୟରେ କଡ଼ା ଟକ୍କର ହେବାକୁ ଥିବା ବେଳେ ଉଭୟ ଦଳର ଇସ୍ତାହାରକୁ ନେଇ ଭୋଟରଙ୍କ ନିକଟତର ହେଉଛନ୍ତି। ବିଜେଡିର ୨୫ବର୍ଷ ସରକାରରେ ରାଜ୍ୟ ବିକାଶର ଚିତ୍ର ପ୍ରଦର୍ଶିତ କରାଉଥିବା ବେଳେ ଭାଜପାର ନୂଆ ଇସ୍ତାହାର ରାଜନୀତିକୁ ଅଧିକ ସରଗରମ କରିବାରେ ଲାଗିଛି। ନବୀନ ପଟ୍ଟନାୟକଙ୍କ ସରକାରରେ ମହିଳାଙ୍କୁ ଅଧିକ ଗୁରୁତ୍ୱ ଦିଆଯାଇଥିବା ବେଳେ କୃଷି, ଶିକ୍ଷା, ଗମନାଗମନ ଓ ରୂପାନ୍ତରୀକରଣରେ ରାଜ୍ୟବାସୀଙ୍କୁ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି ବୋଲି ଦଳୀୟ ନେତା ଓ କର୍ମୀ ଭୋଟରଙ୍କୁ ବୁଝାଇବାରେ ଲାଗିଛନ୍ତି। ତେବେ ଚଳିତ ନିର୍ବାଚନରେ ଭାଜପା ସରକାର ଗଢ଼ିବାର ଦୃଢ଼ୋକ୍ତି ପ୍ରକାଶ କରୁଥିବା ନେଇ ଉଭୟ ଦଳ ମଧ୍ୟରେ କଥା କଟାକଟି ଚାଲିଛି।

# ବିଦ୍ୟୁତ୍ ପାଇଁ ରାସ୍ତା ଅବରୋଧ

ଉଦଳା,୧୨।୫ (ସନ୍ତୋଷ କୁମାର ବାଛିନୀ)

ତିନି ଦିନ ହେବ ଗ୍ରାମରେ ବିଦ୍ୟୁତ ନାହିଁ। ବାରମ୍ବାର ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ବିଜୁଳି ନ ଆସିବାରୁ ଗ୍ରାମବାସୀ ଉଦଳା-ପୋଡ଼ାଡିହା ରାଜ୍ୟ ରାଜପଥର ଉର୍ମଳ ଛକରେ ରାସ୍ତା ଅବରୋଧ କରିଛନ୍ତି। ଗ୍ରାମବାସୀମାନେ ରାସ୍ତାରେ ବାଉଁଶ ବାନ୍ଧି ରାସ୍ତା ଅବରୋଧ କରିଥିଲେ। ବିଭାଗୀୟ ଅଧିକାରୀ ପହଞ୍ଚି ତୁରନ୍ତ ବିଜୁଳିର ସୁବିଧା ନ କରିଲେ ଗ୍ରାମବାସୀମାନେ ଆନ୍ଦୋଳନରୁ ଓହରିବେ ନାହିଁ ବୋଲି ଚେତାବନୀ ଦେଇଥିଲେ। ଖବର ପାଇ ଉଦଳା ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କ ସହିତ ଆଲୋଚନା କରିବା ସହିତ ବିଭାଗୀୟ ଅଧିକାରୀଙ୍କ ସହିତ ଯୋଗାଯୋଗ କରିଥିଲେ। ତେବେ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।




ରାସ୍ତାରେ ବାଉଁଶ ପକାଇ ଲୋକେ ପ୍ରତିବାଦ କରୁଛନ୍ତି।

### ନଦୀରୁ ମିଳିଲା ଯୁବକଙ୍କ ମୃତଦେହ

ରାଇରଙ୍ଗପୁର, ୧୨।୫ ( ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଟାଉନ ଥାନା ଅଧୀନ ବଡ଼ାଇକଳା ଗ୍ରାମ ନିକଟସ୍ଥ କାହ୍ନୁ ନଦୀରୁ ଜଣେ ଯୁବକଙ୍କ ମୃତଦେହ ମିଳିଛି। ମୃତକ ଉକ୍ତ ଗ୍ରାମର ବିକାଶ ସର୍ଦ୍ଦାରଙ୍କ ପୁଅ ଗୁରୁଚରଣ। ପୋଲିସ ମୃତଦେହ ଜବତ କରି ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୮/୨୪) ରୁଜୁ କରିଛି। ରବିବାର ରାଇରଙ୍ଗପୁର ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଗୁରୁଚରଣ ଶନିବାର ପୂର୍ବାହ୍ନରେ ଗ୍ରାମ ନିକଟସ୍ଥ ନଦୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ବେଳେ ନଦୀରେ ତାଙ୍କ ମୃତଦେହ ଭାସୁଥିବା ଦେଖିବାକୁ ପାଇଥିଲେ। ଅପରାହ୍ନରେ ଦମକଳ ବାହିନୀ ସହାୟତାରେ ନଦୀରୁ ମୃତଦେହ ବାହାର କରାଯାଇଥିଲା।

# ପଟୁଆରରେ ଗଲା ଶୁଭ ଡାଙ୍ଗ

### ଛଉ ପର୍ବରେ ଚିତ୍ରଡ଼ା ଉତ୍ସବ ମୁଖର

ମୋରଡ଼ା,୧୨।୫(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ପ୍ରସିଦ୍ଧ ଚିତ୍ରଡ଼ା ଚୈତ୍ର ପର୍ବ ତଥା ଛଉ ପର୍ବ ପାଇଁ ସାରା ଅଞ୍ଚଳ ଉତ୍ସବ ମୁଖର ହୋଇପଡ଼ିଛି। ଏହି ପରିପ୍ରେକ୍ଷୀରେ ରବିବାର ଛଉ ପର୍ବର ପ୍ରଥମ ରାତି ଥିବା ବେଳେ ପରମ୍ପରା ଅନୁଯାୟୀ ଚିତ୍ରଡ଼ା ଉତ୍ତରସାହି ଓ ଦକ୍ଷିଣ ସାହି ତରଫରୁ ଶୁଭ ଡାଙ୍ଗକୁ ଏକ ବିଶାଳ ପଟୁଆରରେ ଛଉ ପେଣ୍ଡାଲ ପାଖରେ ପହଞ୍ଚାଯାଇଛି। ଉଭୟ ସାହିର ଗାଁ ମୁଣ୍ଡରେ ଦୁଇଟି ଶୁଭ ଡାଙ୍ଗକୁ ଠାକୁରାଣୀଙ୍କ ପାଖରେ ପୂଜାର୍ଚ୍ଚନା କରିବା ପରେ ଦୁଇ ସାହିର ଜନସାଧାରଣ ମାନେ ନାଗାରା, ଢ଼ୋଲବାଜାର ତାଳେ ତାଳେ ବାଣ ଫୁଟାଇ ଛଉ ନୃତ୍ୟ କରି ପେଣ୍ଡାଲ ପାଖରେ ପହଞ୍ଚାଇଥିଲେ। ରାତି ୯ ଟାରେ ଛଉ ପର୍ବ ଉଦ୍‌ଘାଟିତ ହୋଇଥିବା ବେଳେ ଉତ୍ତରସାହି ଓ ଦକ୍ଷିଣସାହି ଛଉ ନୃତ୍ୟ ପ୍ରତିଷ୍ଠାନର କଳାକାରଙ୍କ ତରଫରୁ ରାତି ତମାମ ଛଉ ନୃତ୍ୟ ପରିବେଷଣ କରାଯିବ। ସୋମବାର ଛଉ ନୃତ୍ୟର ଉଦ୍‌ଯାପନୀ ସନ୍ଧ୍ୟା ଅନୁଷ୍ଠିତ ହେବ। ସେହିପରି ବୈଶାଖୀ ଉଡ଼ାପର୍ବ ଉପଲକ୍ଷେ ଭକ୍ତାଙ୍କ ଦ୍ୱାରା କଣ୍ଟାପାଟ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଡ଼ା ଶିବ ମନ୍ଦିର ସମ୍ମୁଖରେ କଣ୍ଟାରେ ବିଛା ଯାଇଥିବା ଚାଦରରେ ଭକ୍ତାମାନେ ଉକ୍ତ କଣ୍ଟା ଚାଦରରେ ଗଡ଼ିଥିଲେ। କଣ୍ଟାପାଟ ଦେଖିବାକୁ ପ୍ରବଳ ଲୋକଙ୍କ ସମାଗମ ହୋଇଥିଲା।



ଶ୍ରଦ୍ଧାଳୁ ଶୁଭ ଡାଙ୍ଗକୁ ଶୋଭାଯାତ୍ରାରେ ନେଉଛନ୍ତି।

### ବେଆଇନ ମଦ ବିକ୍ରି, ଜଣେ ଗିରଫ

ବାରିପଦା,୧୨।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ବାରପଦା ଟାଉନ ପୋଲିସ ରବିବାର ଚଢ଼ାଉ କରି ପାଲବଣୀ ନିକଟରୁ ୫୦ ଲିଟର ବେଆଇନ ମଦ ଜବତ କରିଛି। ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବିଶ୍ୱଜିତ ଲେଙ୍କାଙ୍କୁ ଗିରଫ ପରେ କୋର୍ଟଚାଲାଣ କରାଯାଇଛି। ନିର୍ବାଚନ ସମୟରେ ବେଆଇନ ମଦ ବିକ୍ରି ନେଇ ପୋଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଚଢ଼ାଉ କରିଥିଲା। ତେବେ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ବେଆଇନ ମଦ ପ୍ରବେଶକୁ ନେଇ କଡ଼ାକଡ଼ି ଯାଞ୍ଚ ପାଇଁ ଦାବି ହେଉଛି।

# ୩ ଲକ୍ଷ ସାଇବର ଠକେଇ

ବାରିପଦା,୧୨।୫ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଞ୍ଚଳର ଜନୈକ ଯୁବକ ଇନ୍‌ଷ୍ଟାଗ୍ରାମରେ ଚାଟିଂ କରି ୩ ଲକ୍ଷ ଟଙ୍କା ଠକେଇର ଶିକାର ହୋଇଛନ୍ତି। ଏ ନେଇ ବାରିପଦାସ୍ଥିତ ସାଇବର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (କେସ ନଂ ୮/୨୪)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଠକେଇର ଶିକାର ହୋଇଥିବା ଯୁବକ ଜଣକ ହେଲେ କୁଷ୍ମାଶୋଳ ଗ୍ରାମର ଆଶିଷ କୁମାର ଦାସ। ସୂଚନାଯୋଗ୍ୟ, ଇନ୍‌ଷ୍ଟାଗ୍ରାମରେ ଟିସି ଲଟେରୀ ଟ୍ରେଡିଂ ଏଜେନ୍ସୀର ବିଜ୍ଞାପନକୁ ଦେଖି ପ୍ରଥମେ ଚାଟିଂ ଆରମ୍ଭ କରିଥିଲେ। ଏହାକୁ ନେଇ ମେସେଜ ମାଧ୍ୟମରେ ଏକ ଗ୍ରୁପରେ ଯୋଗ କରାଇ ୧୦ ହଜାର ଟଙ୍କା ଲଗାଇଲେ ଟଙ୍କା ଦ୍ୱିଗୁଣିତ ହୋଇପାରିବ ବୋଲି କହିଥିଲେ। ଲୋଭର ବଶବର୍ତ୍ତୀ ହୋଇ ୩୦ ଏପ୍ରିଲରେ ପ୍ରଥମେ ୧୦ ହଜାର ଟଙ୍କା ଲଟେରୀରେ ଲଗାଇଥିଲେ। ପରେ ୨୦ ହଜାର ଟଙ୍କା ଫେରିପାଇଲେ। ଏହା ପରେ ୫ ହଜାର ଲଗାଇ ଟଙ୍କା ଲଗାଇ ଫେରସ୍ତ ପାଇ ନ ଥିଲେ। ପୁନର୍ବାର ୨୦ ହଜାର ଟଙ୍କା ଲଗାଇବାରୁ ୪୦ ହଜାର ପାଇଥିଲେ। ପରେ ୩୦ ହଜାର ଲଗାଇବା ପରେ ଟଙ୍କା ଫେରସ୍ତ ନ କରିବାରୁ ମୂଳ ଟଙ୍କା ପାଇବା ପାଇଁ ମୋଟ ୩ ଲକ୍ଷ ଟଙ୍କା ଲଗାଇଥିଲେ। ତେବେ ଠକାମୀର ଶିକାର ହୋଇଥିବା ଜାଣିବା ପରେ ଯୁବକ ଜଣକ ସାଇବର ଥାନାର ଦ୍ୱାରସ୍ଥ ହୋଇଛନ୍ତି।

### ଭାଜପାରେ ମିଶିଲେ ଅନ୍ୟ ଦଳର କର୍ମୀ

ଉଦଳା,୧୨।୫(ସନ୍ତୋଷ କୁମାର ବାଛିନୀ): ମୟୂରଭଞ୍ଜ ଜିଲା ଉଦଳାଠାରେ ଭାଜପାର ମିଶ୍ରଣ ପର୍ବ ଆୟୋଜିତ ହୋଇଯାଇଛି। ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ମିଶ୍ରଣ ପର୍ବରେ ଉଦଳା ଭାଜପା ବିଧାୟକ ପ୍ରାର୍ଥୀ ଭାସ୍କର ମଢ଼େଇ, ଏନ୍‌ଏସି ନଗରପାଳ ପ୍ରମିଳା ପଣ୍ଡା, ଶରତ ଚନ୍ଦ୍ର ଦାସ, ପ୍ରଭାତ ପରିଡ଼ାଙ୍କ ଉପସ୍ଥିତିରେ କୁଆମରା, ଆରପଟା, ପିଙ୍ଗୁ, ନୁଦଡିହା ସମେତ ଗୋପବନ୍ଧୁନଗର ବ୍ଲକ୍ ଅଞ୍ଚଳରୁ ପ୍ରାୟ ୧୩୦ରୁ ଅଧିକ କର୍ମୀ ଭାଜପାରେ ସାମିଲ ହୋଇଛନ୍ତି। ଭାଜପା ପ୍ରାର୍ଥୀ ଭାସ୍କର ମଢେଇ ସମସ୍ତଙ୍କୁ ଦଳୀୟ ଉପଢ଼ୌକନ ଏବଂ ଟୋପି ପିନ୍ଧାଇ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ଉଦଳା ଅଞ୍ଚଳର ଖବରଦାତା ସାଲାଏ ମାରାଣ୍ଡି ମଧ୍ୟ ଭାଜପାରେ ଯୋଗଦେଇଛନ୍ତି।

